بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 1

ସଂଖ୍ୟା 16-17

ସାପ୍ତାହିକ ବଦର
The Weekly BADAR Qadian କାଦିଆନ
ODIA

ବାର୍ଷିକ ଦେୟ: ୩୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

ଗୁରୁବାର 23 ଜୁନ୍/ 30 ଜୁନ୍ 2016- 23 ଏହ୍‌ସାନ୍ 30 ଏହ୍‌ସାନ୍ 1395 ହି:ଶ 1437 ହି.କ 17- 24 ରମଜାନ୍


## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ ଅ.ବ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱ୍ରର ଅ.ବ ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର ଅ.ବ ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ୍ ବାରିକ୍‌ଲନା ଫି'ଉମ୍‌ରିହି ୱ୍ ଅମ୍‌ରିହି ॥

**ଅଲ୍ଲାଃତାଲା ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଙ୍କ ଆନୁଗତ୍ୟ ସହିତ ମୋକ୍ଷ ପ୍ରାପ୍ତିକୁ ସଂଯୁକ୍ତ କରିଦେଇଛନ୍ତି । ତେବେ ପୁଣି ଅବଜ୍ଞା ହେବ କି ଏହି ସ୍ପଷ୍ଟ ଆୟତ ଗୁଡିକୁ ଛାଡ଼ିଦେଇ ସନ୍ଦିଗ୍ଧତା ଆଡକୁ ଦଉଡିବା । ସନ୍ଦିଗ୍ଧତା ଆଡକୁ ସେହି ଲୋକମାନେ ଦଉଡ଼ନ୍ତି, ଯେଉଁମାନଙ୍କ ହୃଦୟ କପଟତାର ବ୍ୟାଧିରେ ପୀଡ଼ିତ ଥାଏ ।**

## ହଜରତ ମସିହ ମଉଦ ଆ.ସ ଙ୍କ ନୀତି ବାଣୀ

***(୧୫)ଅଲ୍ଲାଃଙ୍କ ବାକ୍ୟ*** - ଅଲମ୍ ୟାଲମୁ ଅନ୍ନହୁ ମଇଁ ୟୁଯାଦିଦିଲ୍ଲାହା ୱ୍ ରସୁଲହୁ ଫଅନ୍ନାଲହୁ ନାରା ଯହନ୍ନମା ଖାଲିଦନ୍ ଫିହା । ଜାଲେକଲ୍ ଖିଜ୍‌ୟୁଲ୍ ଅଜିମ୍ । **(ତୌବା:-୬୩)** । ***ଅର୍ଥାତ୍***- ସେମାନେ କ'ଣ ଜାଣନ୍ତି ନାହିଁ ଯେ ଯେଉଁ ବ୍ୟକ୍ତି ଅଲ୍ଲାଃ ଓ ତାହାଙ୍କ ରସୁଲ୍‌ଙ୍କର ବିରୁଦ୍ଧାଚରଣ କରେ, ତାହା ପାଇଁ (ନର୍କ) ଅଗ୍ନି (ନିୟତ) ଅଛି, ସେ ସେଥିରେ ବାସ କରିବ ଏବଂ ଏହା ଅତ୍ୟନ୍ତ ଅପମାନଜନକ ଅଟେ । ***(ସୁରା ଅଲ୍‌ତୌବା:-୬୩)***

ଏବେ ମିଆଁ ଅବ୍‌ଦୁଲ୍ ହକିମ୍ ଖାନ୍ କହନ୍ତୁ ତାଙ୍କର କଣ ମତ ଅଛି । କଣ ସେ ଅଲ୍ଲାଃଙ୍କ ଏହି ନିର୍ଦ୍ଦେଶକୁ ଗ୍ରହଣ କରିବେ ବା ବାହାଦୁରି ଦେଖାଇ ଏହି ଆୟତର ଭୟାନକ କୋପକୁ ନିଜ ମୁଣ୍ଡ ଉପରେ ବହନ କରିବେ ?

***(୧୬)ଅଲ୍ଲାଃଙ୍କ ବାକ୍ୟ:-*** ୱ୍ ଇଜ୍ ଅଖଜଲ୍ଲାହୋ ମିସାକା- ----ମିନଶ୍ ଶାହେଦୀନ୍ ***(ଆଲେ-ଇମ୍‌ରାନ୍ : ୮୨)*** । ***ଅର୍ଥାତ୍*** - ଏବଂ (ସେହି ସମୟକୁ ମଧ୍ୟ ସ୍ମରଣ କର) ଯେତେବେଳେ ଅଲ୍ଲାଃ (ଗ୍ରନ୍ଥଧାରୀମାନଙ୍କଠାରୁ) ନବୀମାନଙ୍କ ମାଧ୍ୟମରେ ଦେଇଥିବା ଦୃଢ଼ ଅଙ୍ଗୀକାର ନେଇଥିଲେ ଯେ ଯେବେ ଆମ୍ଭେ ତୁମ୍ଭମାନଙ୍କୁ ଯେ କୌଣସି ଗ୍ରନ୍ଥ ଓ ତତ୍ତ୍ୱଜ୍ଞାନ ପ୍ରଦାନ କରିବୁ ଏବଂ ତା ପରେ ତୁମ୍ଭମାନଙ୍କ ନିକଟକୁ ଏପରି କୌଣସି ରସୁଲ୍ ଆସିବେ ଯେ କି ତୁମ୍ଭମାନଙ୍କ ପାଖରେ ଥିବା ସେହି ବାଣୀର ସତ୍ୟତା ପ୍ରମାଣିତ କରୁଥିବେ ତେବେ ତୁମେମାନେ ତାହାଙ୍କ ଉପରେ ନିଶ୍ଚୟ ବିଶ୍ୱାସ ସ୍ଥାପନ କରିବ ଏବଂ ତାହାକୁ ନିଶ୍ଚୟ ସାହାଯ୍ୟ କରିବ; (ଅଲ୍ଲାଃ) କହିଥିଲେ ''କ'ଣ ତୁମେମାନେ ସ୍ୱୀକାର କରୁଅଛ ଓ ଆମ୍ଭେ ଦେଇଥିବା ଦାୟିତ୍ୱକୁ ଗ୍ରହଣ କରୁଅଛ ?'' ଅଲ୍ଲାଃ କହିଲେ, ''ତା ହେଲେ ତୁମେମାନେ ସାକ୍ଷୀ ରୁହ; ଏବଂ ଆମ୍ଭେ ମଧ୍ୟ ତୁମ୍ଭମାନଙ୍କ ସହିତ ସାକ୍ଷୀ ରହିଲୁ ।'' (ଆଲେ ଇମ୍‌ରାନ୍-୮୨) ଏବେ ବାସ୍ତବରେ ନବୀମାନେ ନିଜ ନିଜ ସମୟରେ ପ୍ରାଣତ୍ୟାଗ କରିଥିଲେ, ଏ ନିର୍ଦ୍ଦେଶ ପ୍ରତ୍ୟେକ ନବୀଙ୍କ ଅନୁଗାମୀଙ୍କ ପାଇଁ ଅଟେ କି ଯେବେ ସେହି ରସୁଲ୍ ପ୍ରକଟିତ ହେବେ ତାଙ୍କ ଉପରେ ବିଶ୍ୱାସ ଆଣ ନଚେତ୍ ଦଣ୍ଡ ମିଳିବ । ଏବେ କୁହନ୍ତୁ ମିଆଁ ଅବ୍‌ଦୁଲ୍ ହକିମ୍‌ଖାନ୍ । ନିମ୍ ମୁଲ୍ଲା ଖତ୍‌ରେ ଜାନ୍ !(ଅଳ୍ପବିଦ୍ୟା ଭୟଙ୍କରୀ) ଯେ ଯଦି କେବଳ ଶୁଖିଲା ଏକେଶ୍ୱରବାଦ ଦ୍ୱାରା ହିଁ ମୋକ୍ଷ ପ୍ରାପ୍ତି ହୋଇଥାନ୍ତା ତେବେ ଅଲ୍ଲାଃତାଲା ଏପରି ଲୋକକୁ କାହିଁକି ଧରିବେ ଯେଉଁମାନେ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ଉପରେ ବିଶ୍ୱାସ ଆଣନ୍ତି ନାହିଁ । କିନ୍ତୁ ଏକେଶ୍ୱରବାଦ ଉପରେ ବିଶ୍ୱାସ ଆଣନ୍ତି ?

ଏତତ୍ ବ୍ୟତୀତ ତୌରାତର ଇସ୍‌ତସ୍‌ନା ଭାଗ-୧୮ ରେ ଗୋଟିଏ ଆୟତ୍ ଅଛି କି ଯେଉଁ ବ୍ୟକ୍ତି ସେହି ଶେଷ ଯୁଗର ନବୀଙ୍କୁ ନ ମାନିବ ମୁଁ ତାର ହିସାବ ନେବି । ତେଣୁ ଯଦି ଏକେଶ୍ୱରବାଦ ଯଥେଷ୍ଟ ଥିଲା ତ ଏହି ହିସାବ କାହିଁକି କରାଯିବ ? ଅଲ୍ଲାଃ କଣ ନିଜ କଥାକୁ ଭୁଲିଯିବେ ? ମୁଁ ତ ପବିତ୍ର କୋରାନ୍‌ରୁ ଅଳ୍ପ କିଛି ଆୟତ ଲେଖିଲି ନଚେତ୍ ପବିତ୍ର କୋରାନ୍‌ରେ ଏହିପରି ଆୟତ୍ ଭରି ରହିଛି । ଅଧିକନ୍ତୁ ପବିତ୍ର କୋରାନର ଆରମ୍ଭ ଏପରି ଆୟତ୍ ଦ୍ୱାରା ହୋଇଛି ଯେପରି ସେ (ଅଲ୍ଲାଃ) କହୁଛନ୍ତି । ***ଏହ୍‌ଦେନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଆଲୈହିମ୍ - ଅର୍ଥାତ୍***- ହେ ଆମର ଅଲ୍ଲାଃ ଆମକୁ ରସୁଲ୍ ଏବଂ ନବୀମାନଙ୍କ ରାସ୍ତାରେ ପରିଚାଳିତ କରାଅ, ଯାହାଙ୍କ ଉପରେ ତୁମ୍ଭର ପୁରସ୍କାର ଓ ଐଶ୍ୱର୍ଯ୍ୟ ଅବତୀର୍ଣ୍ଣ ହୋଇଅଛି ।

ଏବେ ଏହି ଆୟତ୍ ଯାହା ପାଂଚବେଳା ନମାଜରେ ପାଠ କରାଯାଉଛି । ଏଥିରୁ ସ୍ପଷ୍ଟ ହୁଏ ଯେ ଅଲ୍ଲାଃଙ୍କ ଆଧ୍ୟାତ୍ମିକ ପୁରସ୍କାର, ଯାହା ଜ୍ଞାନ ଓ ଈଶ୍ୱର ପ୍ରେମ ଅଟେ । ତାହା କେବଳ ରସୁଲ୍ ଓ ନବୀଙ୍କ ଜରିଆରେ ପ୍ରାପ୍ତ ହୋଇଥାଏ । ଅନ୍ୟ କୌଣସି ମାଧ୍ୟମରେ ନୁହେଁ । ମିଆଁ ଅବ୍‌ଦୁଲ୍ ହକିମ୍ ଖାଁ ନମାଜ ପଢୁଛନ୍ତି କି ନାହିଁ ? ଯଦି ପଢୁଥାନ୍ତେ ତା'ହେଲେ ସେ ଏହି ଆୟତର ଅର୍ଥକୁ ନିଶ୍ଚିତ ରୂପେ ବୁଝିପାରିଥାନ୍ତେ । ତେଣୁ ଯଦି ତାଙ୍କ ନିକଟରେ କେବଳ ଏକେଶ୍ୱରବାଦ ଯଥେଷ୍ଟ ତେବେ ନମାଜର ଆବଶ୍ୟକତା କଣ ? ନମାଜ ତ ରସୁଲଙ୍କ ଦ୍ୱାରା ଶିଖାଯାଇଥିବା ଉପାସନାର ଏକ ପଦ୍ଧତି ଅଟେ । ଯାହାଙ୍କ ପାଇଁ ରସୁଲ୍‌ଙ୍କ ଆଜ୍ଞାବହତା ଏକ ଅକାରଣ ବିଷୟ ତାଙ୍କପାଇଁ ନମାଜର କଣ ଆବଶ୍ୟକତା ? ତାଙ୍କ ନିକଟରେ ତ ଏକେଶ୍ୱରବାଦୀ (ବ୍ରହ୍ମସମାଜୀ) ମଧ୍ୟ ମୋକ୍ଷ ପାଇପାରିବେ । ସେମାନେ କଣ ନମାଜ ପଢୁଛନ୍ତି ? ତାଙ୍କ ମତରେ ତ ଜଣେ ବ୍ୟକ୍ତି ମୁର୍‌ତଦ (ଇସ୍‌ଲାମ୍‌କୁ ଛାଡ଼ିଦେବା ବ୍ୟକ୍ତି) ହୋଇ ମଧ୍ୟ କେବଳ ଶୁଖିଲା ଏକେଶ୍ୱରବାଦ ଦ୍ୱାରା ମୋକ୍ଷ ପାଇପାରିବ ଏବଂ ଏପରି ବ୍ୟକ୍ତି ମଧ୍ୟ ମୁକ୍ତି ପାଇପାରିବ ଯେଉଁମାନେ ୟହୁଦି, ନସାରା ବା ଆର୍ଯ୍ୟ ସମାଜି ହୋଇ କେବଳ ଭଗବାନଙ୍କୁ ମାନୁଥିବେ । ଯଦିଚ ସେମାନେ ଇସ୍‌ଲାମ୍‌କୁ ନିନ୍ଦୁଥାନ୍ତୁ ବା ଆଁ ହଜ୍‌ରତ୍ ସ:ଆ:ସ ଙ୍କ ଶତ୍ରୁ ମଧ୍ୟ ହୋଇଥାନ୍ତୁ । ତେବେ ତାଙ୍କର ଏହି ରାୟ ହେବ ଯେ ନମାଜ ଦ୍ୱାରା କିଛି ମିଳିବ ନାହିଁ, ରୋଜା ମଧ୍ୟ ବେକାର ଜିନିଷ ଅଟେ । କିନ୍ତୁ ଜଣେ ମୋମିନଙ୍କ ନିକଟରେ ଏହି ଗୋଟିଏ ଆୟତ ଯଥେଷ୍ଟ ହେବ ଯେଉଁଥିରୁ ଜଣାପଡୁଛି ଯେ ଆଧ୍ୟାତ୍ମିକ ସମ୍ପତିର ମାଲିକ କେବଳ ନବୀ ଓ ରସୁଲ୍ ଅଟନ୍ତି ଏବଂ ପ୍ରତ୍ୟେକ ବ୍ୟକ୍ତି ଯିଏ ତାଙ୍କର ଆଜ୍ଞାବହ ହୋଇଥାଏ ସେ ସେହି (ଆଧ୍ୟାତ୍ମିକ ସମ୍ପତିରୁ) ଭାଗ ନେଇଥାଏ ।

ପୁଣି ସୁରା ବକ୍‌ରାର ଆରମ୍ଭରେ ଏହି ଆୟତମାନ ଅଛି- ***ଜାଲେକଲ୍ କିତାବୁ --------------- ଉଲାଏକା ହୁମୁଲ୍ ମୁଫ୍‌ଲେହୁନ୍ । ଅର୍ଥାତ୍*** - ଏହା ଏକ ପରିପୂର୍ଣ୍ଣ ଗ୍ରନ୍ଥ । ଯହିଁରେ କୌଣସି ସନ୍ଦେହ ନାହିଁ, ଏହା ଧର୍ମପରାୟଣ ବ୍ୟକ୍ତିମାନଙ୍କୁ (ମୁତ୍ତକିଙ୍କୁ) ସତ୍ ପଥରେ ପରିଚାଳିତ କରାଏ ।(ଏବଂ ମୁତ୍ତକି ସେହିମାନେ) ଯେଉଁମାନେ ଅଲ୍ଲାଃଙ୍କ ଉପରେ (ଯିଏ ଅଦୃଷ୍ଟ ଅଟନ୍ତି)


ପ୍ରିନ୍ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

ବିଶ୍ୱାସ କରନ୍ତି ଓ ସୁଚାରୁରୂପେ ନମାଜ ପାଠ କରନ୍ତି ଏବଂ ଆମ୍ଭେ ଯାହା (କିଛି) ସେମାନଙ୍କୁ ଦେଇଅଛୁ ତହିଁରୁ ବ୍ୟୟ କରନ୍ତି । ଏହି ପୁସ୍ତକ ଉପରେ ବିଶ୍ୱାସ ଆଣିଥାନ୍ତି ଯାହା ତୁମ୍ଭ ପ୍ରତି ଅବତୀର୍ଣ୍ଣ ହୋଇଅଛି ଏବଂ ତତ୍‌ସହିତ ସେହି ପୁସ୍ତକ ଗୁଡିକ ଉପରେ ବିଶ୍ୱାସ ଆଣିଥାନ୍ତି ଯାହା ତୁମ୍ଭ ପୂର୍ବରୁ ଅବତୀର୍ଣ୍ଣ ହୋଇଥିଲା, ତଥା ପରକାଳ ଉପରେ ବିଶ୍ୱାସ କରନ୍ତି । ଏହିମାନେ ହିଁ (ନିଜ) ପାଳନକର୍ତାଙ୍କ (ପ୍ରଦର୍ଶିତ) ମାର୍ଗରେ ବିଦ୍ୟମାନ ଅଛନ୍ତି ଏବଂ ଏହିମାନେ ହିଁ ମୋକ୍ଷ ପ୍ରାପ୍ତି କରିବେ । ଏବେ ଜାଗ ଓ ଆଖି ଖୋଲ ହେ ଅବ୍‌ଦୁଲ୍ ହକିମ୍ ବିଧର୍ମୀ ! ଅଲ୍ଲାଃତାଲା ଉକ୍ତ ଆୟତରେ ଫଇସଲା କରିଦେଇଛନ୍ତି ଲୋକଙ୍କୁ ମୋକ୍ଷ କେବଳ (ନଯାତ୍) ସେତେବେଳେ ମିଳିବ ଯେତେବେଳେ ଅଲ୍ଲାଙ୍କ ପ୍ରେରିତ ପୁସ୍ତକ ଉପରେ ବିଶ୍ୱାସ ଆଣିବେ ଏବଂ ତାର ଉପାସନା କରିବେ । ଅଲ୍ଲାଙ୍କ ବାକ୍ୟ ଭୁଲ୍ ଓ ବିରୋଧାଭାବ ହୋଇନପାରେ । ତେଣୁ ଅଲ୍ଲାତାଲା ହଜରତ୍ ମୁହମ୍ମଦ ସ:ଆ:ସ ଙ୍କ ଆଜ୍ଞାନୁବହତାକୁ ମୋକ୍ଷ ସହିତ ସଂଯୁକ୍ତ କରି ଦେଇଛନ୍ତି ତେବେ ପୁଣି ଅବଜ୍ଞା ହେବ ଯେ ଏହି ସ୍ପଷ୍ଟ ଆୟତଗୁଡିକୁ ଛାଡ଼ିଦେଇ ମୁତଶାବିହାତ୍ (ସନ୍ଦିଗ୍ଧତା) ଆଡ଼କୁ ଦଉଡ଼ିବା । ସନ୍ଦିଗ୍ଧତା ଆଡ଼େ ସେହି ଲୋକମାନେ ଦଉଡ଼ନ୍ତି ଯେଉଁମାନଙ୍କ ହୃଦୟ କପଟତାର ବ୍ୟାଧିରେ ପିଡ଼ିତ ଥାଏ ।

**(ହକିକତୁଲ୍ ୱହି ରୁହାନି ଖଜାଏନ୍ ଖଣ୍ଡ-୨୨, ପୃଷ୍ଠା-୧୩୩-୧୩୬)**

ଏହା ଏହି ବିଷୟ ଆଡ଼କୁ ଇଶାରା ଅଟେ କି ଯେତେବେଳେ ମଣିଷ ସତ୍ୟ ଧର୍ମରେ ଥିବ ତେବେ ସତ୍‌କାର୍ଯ୍ୟ କରିବା ଦ୍ୱାରା ଅଲ୍ଲାଙ୍କ ନିକଟରୁ ଗୋଟିଏ ପୁରସ୍କାର ପାଇଥାଏ । ତେଣୁ ଅଲ୍ଲାଃତାଲାଙ୍କ ବିଧାନ ଏହା ଯେ ସତ୍ୟ ଧର୍ମାବଲମ୍ବୀମାନେ କେବଳ ତାଙ୍କ ଚେଷ୍ଟା ଦ୍ୱାରା ସଫଳ ହୋଇନଥାନ୍ତି । ପରନ୍ତୁ ତାଙ୍କ ଚେଷ୍ଟା ଯେତେବେଳେ ଶେଷ ସୀମାରେ ପହଂଚିଥାଏ ଏବଂ ମଣିଷର ଶକ୍ତି ଶେଷ ହୋଇଯାଇଥାଏ ସେତେବେଳେ ଅଲ୍ଲାଙ୍କ ଆଶୀର୍ବାଦ ତା'ର କାର୍ଯ୍ୟ କରିଥାଏ ଏବଂ ଅଲ୍ଲାଙ୍କ ପଥ ପ୍ରଦର୍ଶନ ଦ୍ୱାରା ତା'ର ଜ୍ଞାନ ଓ କାର୍ଯ୍ୟ ଦକ୍ଷତାରେ ଉନ୍ନତି ଆସିଥାଏ । ଯାହା କି ସେ ନିଜେ ଚେଷ୍ଟାକରି ହାସଲ କରିପାରିନଥାନ୍ତା । ଯେପରି ଅନ୍ୟ ଏକ ସ୍ଥାନରେ ଅଲ୍ଲାଃତାଲା କହୁଛନ୍ତି -

**ୱାଲଲଜିନା ଯାହଦୁ ଫିନା ଲନହ୍‌ଦିୟନ୍ନହୁମ୍ ସୁବୁଲନା**

ଅର୍ଥାତ୍ :- ଯେଉଁମାନେ ଆମ ମାର୍ଗରେ ଚେଷ୍ଟା କରିଥାନ୍ତି ଏବଂ ଯାହା କିଛି ସେମାନେ ନିଜେ ଓ ନିଜ ସାମର୍ଥ୍ୟ ଅନୁସାରେ କାର୍ଯ୍ୟ ସମ୍ପାଦନ କରିଥାନ୍ତି । ତା'ପରେ ଅଲ୍ଲାଙ୍କ ଆଶୀର୍ବାଦ ତା'ର ହାତ ଧରିଥାଏ ଏବଂ ଯାହା ତାଙ୍କ ଦ୍ୱାରା ହୋଇନଥାଏ ତାହା ଅଲ୍ଲାଃ ନିଜେ ସମ୍ପାଦନ କରାଇଥାନ୍ତି ।

ଅବ୍‌ଦୁଲ୍ ହକିମ୍ ଖାନ୍‌ଙ୍କ ବାଗ୍ ବିନ୍ୟାସ (ଭାଷା) ରୁ ଜଣାପଡୁଛି ଯେ ଧର୍ମରୁ ଲେଉଟି ଯିବା ପାଇଁ ଏହା ଏକ ବାହାନା ଯେ ଯେଉଁ ବ୍ୟକ୍ତିଙ୍କୁ ନିଜ ମନମୁତାବକ ଇସ୍‌ଲାମ୍‌ର ସତ୍ୟତାର ମାତ୍ରାଧିକ ଦଲିଲ୍ ନ ମିଳୁଛି ସେ ଇସ୍‌ଲାମ୍‌ରୁ ଅଲଗା ହୋଇ ମଧ୍ୟ ମୁକ୍ତି ପାଇପାରିବ । କାରଣ ଇସ୍‌ଲାମ୍‌ର ବାସ୍ତବିକତା ଉପରେ ତାର ହୃଦ୍‌ବୋଧ ହୋଇନାହିଁ । କିନ୍ତୁ ତାଙ୍କୁ କହିବାର ଥିଲା ଯେ ସେ କେଉଁ ପ୍ରକାର ପ୍ରମାଣ ଚାହୁଁଛନ୍ତି ।

---

***ପୃଷ୍ଠା-୧୨ର ଅବଶିଷ୍ଟାଂଶ............***

ଯେପରି ମୁଁ କହିଲି ଯେ ୧୦୮ ବର୍ଷର ଇତିହାସ ଏହାର ସାକ୍ଷୀ ଅଛି । ହଜରତ୍ ମସିହ୍ ମଉଦ୍ ଆ:ଓ କହିଥିଲେ କି ଯଦି ଏହା କୌଣସି ଲୋକଙ୍କ କାର୍ଯ୍ୟ ହୋଇଥାନ୍ତା ଓ ତା'ହେଲେ କେବେଠାରୁ ଶେଷ ହୋଇଯାଇଥାନ୍ତା । ତେଣୁ ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ଯମାତ୍‌ର ପ୍ରତିଷ୍ଠା ଓ ଖିଲାଫତ୍‌ର ପ୍ରତିଶ୍ରୁତି ଅଲ୍ଲାଃତାଲାଙ୍କର ପ୍ରତିଜ୍ଞା ଅଟେ । ଏହାକୁ ସେ ସମୟରୁ ଲୋକମାନେ ନିଶେଷ କରିବାକୁ ଚାହୁଁଛନ୍ତି କିନ୍ତୁ ଶେଷ ହେଉନାହିଁ । ସେମାନେ ବର୍ତମାନ ଚେଷ୍ଟା କରିଲେ ମଧ୍ୟ ଅଲ୍ଲାଃତାଲାଙ୍କ ଦୟାରୁ ତାହା ଶେଷ ହେବ ନାହିଁ । ଏହି ଖିଲାଫତ୍ ଓ ଏ ବ୍ୟବସ୍ଥା ଅଲ୍ଲାଙ୍କ ଦୟାରୁ ସବୁବେଳେ ଚାଲିବା ପାଇଁ ହୋଇଛି ।

ଯଦି ଆମେ ଆମର ସାଧନାକୁ ଦେଖିବା ଆମେ ବିଶ୍ୱାସ କରିପାରିବା ନାହିଁ ଯେ ଏତେଲୋକ ପାଖରେ ଆମ ବାର୍ତା ପହଂଚିପାରିବ ବୋଲି । କିନ୍ତୁ ଯଦି ଅଲ୍ଲାଃତାଲାଙ୍କର ଏହା ନିଷ୍ପତି ଯେ ସେ ଏହି ବାର୍ତାକୁ ପୃଥିବୀର କୋଣ ଅନୁକୋଣରେ ପହଂଚାଇବ ତେବେ ପୁଣଏହି ଉନ୍ନତିକୁ କିଏ ଅଛି ରୋକିପାରିବାକୁ ? ଦୁନିଆର କୌଣସି ଶକ୍ତି ଏହାକୁ ରୋକିପାରିବ ନାହିଁ । ଆମକୁ ଏହି ପ୍ରାର୍ଥନା କରିବାକୁ ହେବ ଯେ ଅଲ୍ଲାତାଲା ସବୁବେଳେ ପ୍ରତ୍ୟେକ ଅହେମଦୀଙ୍କୁ ଖିଲାଫତ୍ ସହିତ ପ୍ରଗାଢ଼ ସମ୍ପର୍କ ସ୍ଥାପନ କରାନ୍ତୁ ଏବଂ ଆମେ ଅଲ୍ଲାଃତାଲାଙ୍କର ପ୍ରତିଶ୍ରୁତିଗୁଡିକୁ ଯଥା ଶିଘ୍ର ପୁରା ଗୌରବର ସହିତ ପୂର୍ଣ୍ଣ ହେବାର ଦେଖିପାରିବା । ନମାଜ ପରେ ତିନୋଟି ଯନାଜାଃ ପାଠ କରାଇବି । ଗୋଟିଏ ଯନାଜାଃ ଉପସ୍ଥିତ ଅଛି ଏବଂ ଦୁଇଟି ଗାଏବ (ଅନୁପସ୍ଥିତ) । ଉପସ୍ଥିତ ଯନାଜାଃ ଯନାବ୍ ଚୌଧୁରୀ ଫଜଲ ଅହମଦ୍ ସାହେବ ୱକ୍‌ଫଙ୍କର ଯିଏ ମାଷ୍ଟର ଗୁଲାମ୍ ମହମ୍ମଦ ସାହେବ ମରହୁମ୍‌ଙ୍କର ସୁପୁତ୍ର ଥିଲେ । ୨୩ ମଇ ୨୦୧୬ ଦିନ ୮୦ ବର୍ଷ ବୟସରେ ତାଙ୍କର ବିୟୋଗ ହେଲା । **ଇନ୍ନା ଲିଲ୍ଲାଃହେ ୱ ଇନ୍ନା ଇଲୈହେ** ରାଜେଉନ୍ ଆପଣ ହଜରତ୍ ଉମରଦୀନ୍ ସାହେବ ବଙ୍ଗୋଇ (ସାହାବି ହଜରତ୍ ମସିହ୍ ମଉଦ୍ ଆ:ସ) ଙ୍କ ନାତି ଓ ମୌଲବୀ କରମ୍ ଏଲାହି ସାହେବ ଜଫର୍ ମରହୁମ୍‌ଙ୍କର ପୁତୁରା ଥିଲେ । ବହୁତ ଲମ୍ବା ସମୟ ମଣ୍ଡି ବହାଉଦ୍ଦିନ୍‌ରେ ଜୀବନ ଅତିବାହିତ କରିଥିଲେ ପୁଣି ଜର୍ମାନୀ ଚାଲି ଆସିଲେ । କିଛି ବର୍ଷ ହେଲା ମସ୍‌ଜିଦ୍ ଫଜଲ ଲଣ୍ଡନ ହଲ୍‌କାରେ ରହୁଥିଲେ । ସାରା ଜୀବନ ଯମାତର ଅନ୍ୟାନ୍ୟ କ୍ଷେତ୍ରରେ ସେବା କରିବାର ସୁଯୋଗ ପାଇଥିଲେ.......୧୯୮୭ ମସିହା ରମ୍‌ଜାନ୍ ମାସରେ କଲ୍‌ମା ତୟବା କେସ୍‌ରେ ଜେଲ୍‌ରେ ରହିବାର ଗୌରବ ହାସଲ କରିଛନ୍ତି । ବହୁତ ପୁଣ୍ୟବାନ୍, ଆମାୟିକ ପବିତ୍ର କୋରାନ୍ ସହିତ ପ୍ରେମ କରିବା ବ୍ୟକ୍ତି ଏବଂ ଚରିତ୍ର ସମ୍ପନ୍ନ ବ୍ୟକ୍ତି ଥିଲେ । ସେ ମୁସି ଥିଲେ । ପଛରେ ପାଂଚ ଜଣ ଝିଅ ଏବଂ ଦୁଇଜଣ ପୁଅ ଛାଡ଼ିଦେଇ ଯାଇଛନ୍ତି ଅଲ୍ଲାଃତାଲା ତାଙ୍କର ଆଧାତ୍ମିକ ଉନ୍ନତି କରନ୍ତୁ । ଦ୍ୱିତୀୟ ଯନାଜାଃ ମୋକରମ୍ ଦାଉଦ୍ ଅହେମଦ୍ ସାହେବ ଶହିଦ୍ ସୁପୁତ୍ର ମୋକର୍ ହାଜି ଗୁଲାମ ମୁହିଉଦ୍ଦିନ୍ ସାହେବଙ୍କର ଯିଏ କରାଚି ନିବାସି ଥିଲେ । ୨୪ ମଇ ୨୦୧୬ ଦିନ ଅହେମଦୀଙ୍କ ବିରୋଧିମାନେ ରାତି ୯ଟା ସମୟରେ ଆପଣଙ୍କ ଘର ନିକଟରେ ଗୁଳି କରି ଶହିଦ୍ କରିଦେଲେ **ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍** । ମୃତ୍ୟୁ ବେଳକୁ ତାଙ୍କର ବୟସ ୬୦ ଥିଲା............ଶହିଦ୍‌ଙ୍କ ବଂଶରେ ଅହେମଦିୟତ୍ ତାଙ୍କ ଜେଜେବାପା ହଜରତ୍ ମୌଲବୀ ଅଲଫଦ୍ଦୀନ୍ ସାହେବଙ୍କ ଜରିଆରେ ଆସିଥିଲା । ଯିଏ ଗ୍ରେଣ୍ଡା, ଜିଲ୍ଲା ସିଆଲକୋଟ୍ ନିବାସି ଥିଲେ । ଯିଏ ହଜରତ୍ ମସିହ୍ ମଉଦ୍‌ଙ୍କ ପବିତ୍ର ହାତରେ ହାତ ରଖି ବୟତ୍ କରିଥିଲେ । ପୁଣି ଏହି ଖାନ୍‌ଦାନ୍ ରବ୍‌ୱା ଚାଲିଗଲା । ୧୯୫୬ ମସିହାରେ ରବ୍‌ୱାଠାରେ ଶହିଦ୍‌ଙ୍କର ଜନ୍ମ ହୋଇଥିଲା । ତାଙ୍କ ବାପା Navy ରେ ଚାକିରି କରିଥିଲେ । ତେଣୁ ସେ କରାଚି ଚାଲିଗଲେ ଓ ସେଠାରେ ଶିକ୍ଷା ଗ୍ରହଣ କଲେ । ଗୋଟିଏ ଦୁର୍ଘଟଣାରେ ତାଙ୍କର ଗୋଟିଏ ହାତ କଟିଯାଇଥିଲା । ସେ ବହୁତ ସୁଗୁଣର ଅଧିକାରୀ ଥିଲେ । ବହୁତ ଧିରସ୍ଥିର ଓ ସେ ଇଲାକାର ଖ୍ୟାତି ସମ୍ପନ୍ନ ବ୍ୟକ୍ତି ଥିଲେ । ଆପଣଙ୍କ ଘରଟି ଦୀର୍ଘ ୧୮ ବର୍ଷକାଳ ନମାଜ ସେଂଟର ରୂପେ ବ୍ୟବହାର ହେଉଥିଲା । ଯମାତ୍‌ର ସବୁ ଶ୍ରେଣୀରେ ବହୁତ ସେବା କରିଛନ୍ତି । ତାଙ୍କର ଗୋଟିଏ ପୁଅ ଯାମିଆ ଅହେମଦୀୟାର ଚତୁର୍ଥ ବର୍ଷରେ ପଢୁଛନ୍ତି । ତାଙ୍କର ଆଉ ଦୁଇଟି ପୁଅ ଦେଶ ବାହାରେ କାର୍ଯ୍ୟରତ ଥିଲେ । ଅଲ୍ଲାଃତାଲା ଶହିଦ୍‌ଙ୍କ ଆତ୍ମାକୁ ଆତ୍ମିକ ଉନ୍ନତି ପ୍ରଦାନ କରନ୍ତୁ ଏବଂ ତାଙ୍କ ପିଲାମାନଙ୍କୁ ମଧ୍ୟ ତାଙ୍କର ପୁଣ୍ୟ ଗୁଡ଼ିକୁ ଜାରି ରଖିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ।

ତୃତୀୟ ଯନାଜାଃ ମୋକରମ୍ ମହମ୍ମଦ ଆଜମ୍ ଅକ୍‌ସିର୍ ସାହେବଙ୍କ ଅଟେ । ଯିଏ ୭୪ ବର୍ଷ ବୟସରଙ୍କ ୨୫ ମଇ ୨୦୧୬ ଦିନ ସକାଳେ ରବ୍‌ୱାଠାରେ ପ୍ରାଣତ୍ୟାଗ କଲେ । **ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍** ଆପଣ ମୋକରମ୍ ମୌଲବୀ ମୁହମ୍ମଦ୍ ଅଶ୍‌ରଫ୍ ସାହେବ ପୂର୍ବତନ ଅମୀର ଯମାତ୍ ଅହେମଦୀୟ ଭେରାଙ୍କ ଘରେ ଅକ୍ଟୋବର ୧୯୪୨ ମସିହାରେ କାଦିଆନ୍‌ଠାରେ ଜନ୍ମ ଗ୍ରହଣ କରିଥିଲେ । ଆପଣଙ୍କ ବଂଶରେ ଅହେମଦୀୟତ୍ ଆପଣଙ୍କ ଜେଜେବାପା (ଦାଦା) ମୋକରମ୍ ମୁନ୍‌ଶି ମହମ୍ମଦ୍ ରମ୍‌ଜାନ୍ ସାହେବ୍‌ଙ୍କ ଜରିଆରେ ଆସିଥିଲା । ଯିଏ ୧୯୦୯ ମସିହାରେ ବୟତ୍ କରିଥିଲେ । ଆପଣ ହଜରତ୍ ମୌଲବୀ ମୁହମ୍ମଦ୍ ଇସ୍‌ମାଇଲ୍ ସାହେବ ହିଲାଲ୍‌ପୁରିଙ୍କ ନାତି ଏବଂ ମୋକରମ୍ ମୌଲବୀ ମୁହମ୍ମଦ୍ ଅହେମଦ୍ ସାହେବ ଯଲିଲ୍‌ଙ୍କ ଭଣଜା ଥିଲେ । ଆପଣଙ୍କ ବାପା ମୋକରମ୍ ମୌଲବୀ ମୁହମ୍ମଦ୍ ଅଶ୍‌ରଫ୍ ସାହେବ ମଧ୍ୟ ୱକ୍‌ଫେ ଯଦିଦ୍‌ର (ମୁଅଲ୍ଲିମ୍) ଶିକ୍ଷକ ଥିଲେ । ମୁଳ ଶିକ୍ଷା ମେଟ୍ରିକ୍ ପର୍ଯ୍ୟନ୍ତ ଥିଲା । ପୁଣି ଆପଣ ୧୯୬୧ ମସିହାରେ ଜୀବନ ଉସର୍ଗ କରିଲେ ଓ ଯାମିଆରେ ଦାଖଲ ହେଲେ । ଅର୍ଥାତ୍ ଯାମିଆ ଅହେମଦୀୟା ରବ୍‌ୱାରେ ନାମ ଲେଖାଇଲେ । ୧୯୬୯ ମସିହାରେ ଶାହିଦ୍ ଡ଼ିଗ୍ରୀ ଗ୍ରହଣ କରିଲେ ସେହି ସମୟରେ FA ଓ ମୌଲବୀ ଫାଜିଲ୍‌ର ପରୀକ୍ଷାରେ ମଧ୍ୟ ଉତୀର୍ଣ୍ଣ ହେଲେ । ପୁଣି ଯମାତ୍‌ର ଅନ୍ୟାନ୍ୟ ବିଭାଗରେ ସେବା କରିଲେ........ ଅକ୍ଟୋବର ୨୦୦୮ ମସିହାରୁ ଶେଷ ଜୀବନ ପର୍ଯ୍ୟନ୍ତ ଯାମିଆ ଅହେମଦୀୟାର (Specialization) ସର୍ବଶେଷ ବିଦ୍ୟା ବିଭାଗରେ ନିରିକ୍ଷକ ରହିଥିଲେ । ଅଲ୍ଲାଙ୍କ ଦୟାରୁ ବହୁତ ସଫଳ ମୁରବୀ, ଦାଇ ଇଲଲ୍ଲାଃ ଓ ମୁନାଜିର୍ ଥିଲେ । ସେ କିଛି ବହି ମଧ୍ୟ ଲେଖିଛନ୍ତି । ବହୁତ ଦୁଆଗୁ (ପ୍ରାର୍ଥନାକାରୀ) ବ୍ୟକ୍ତି ଥିଲେ । ଅଲ୍ଲାଃତାଲା ତାଙ୍କୁ ବୈକୁଣ୍ଠରେ ଉଚ୍ଚ ସ୍ଥାନ ପ୍ରଦାନ କରନ୍ତୁ । ତାଙ୍କ ପଛରେ ତାଙ୍କ ସ୍ତ୍ରୀ ଙ୍କ ଛଡ଼ା ତିନିଜଣ ଝିଅ ଓ ଗୋଟିଏ ପୁଅ ଅଛନ୍ତି । ପୁଅ ଏଠାରେ ଅଛନ୍ତି ବାପାଙ୍କ ଯନାଜାଃରେ ଯୋଗଦେଇପାରିଲେ ନାହିଁ । ଅଲ୍ଲାଃତାଲା ତାଙ୍କ ପିଲାମାନଙ୍କୁ ଓ ତାଙ୍କ ସ୍ତ୍ରୀଙ୍କୁ ମଧ୍ୟ ଧୈର୍ଯ୍ୟ ପ୍ରଦାନ କରନ୍ତୁ ଏବଂ ନିଜ ବାପାଙ୍କର ପୁଣ୍ୟଗୁଡ଼ିକୁ ଜାରି ରଖିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ○

# ଖୁତ୍‌ବା ଜୁମା

◆ ଅଲ୍ଲାଃତାଲା ମୋମିନ୍‌ମାନଙ୍କୁ ନିର୍ଦ୍ଦେଶ ଦେଉଛନ୍ତି କି ନିଜ ଉପରେ ସର୍ବଦା ନଜର ରଖ ଓ ନିରୀକ୍ଷଣ କର କି ତୁମେ ସଇତାନ୍‌ର ପାଦରେ ପାଦ ମିଶାଇ ଚାଲୁନାହଁ ତ । ମଣିଷ ଯେତେବେଳେ ଅଲ୍ଲାଃତାଲାଙ୍କ ଦୃଶ୍ୟମାନ ଛୋଟରୁ ଛୋଟ (ହୁକୁମ୍) ନିର୍ଦ୍ଦେଶରୁ ଦୂରକୁ ଚାଲିଯାଏ ତା'ହେଲେ ସେ ସଇତାନ୍ ଆଡ଼କୁ ଚାଲିଥାଏ । ତେଣୁ ବହୁତ ହୁସିଆର୍ ହେବାକୁ ପଡ଼ିବ ।

◆ ସଇତାନ୍‌ଠାରୁ ବଂଚିବାକୁ ହେଲେ ଘରେ ଘରେ ଏପରି ମୋର୍ଚା ତିଆରି କରିବାକୁ ହେବ ତା'ର ପ୍ରତ୍ୟେକ ହମ୍‌ଲାରୁ ନା କେବଳ ବଂଚାଯାଇପାରିବ ପରନ୍ତୁ ତାର ହମ୍‌ଲାର ଉତର ମଧ ଦିଆଯାଇପାରିବ । ସଇତାନ୍‌ଠାରୁ ବଂଚିବାର ସବୁଠାରୁ ବଡ଼ ଆଶ୍ରୟ ଅଲ୍ଲାଃତାଲା ଅଟନ୍ତି । ତେଣୁ ଏ ବିଗିଡ଼ିଯାଇଥିବା ଯୁଗରେ ଇସ୍‌ତେଗ୍‌ଫାର୍ କରି ଅଲ୍ଲାଃଙ୍କ ଶରଣରେ ଆସିବାକୁ ଚେଷ୍ଟା କରିବା ଉଚିତ୍ । କାରଣ ଇସ୍‌ତେଗ୍‌ଫାର୍ ଦ୍ୱାରା ହିଁ ମଣିଷ ଅଲ୍ଲାଃତାଲାଙ୍କ ଶରଣରେ ଆସିପାରିବ ।

◆ ଅଧିକାଂଶ ଘରର ସର୍ବେକ୍ଷଣ କରିନିଅ, ଜଣାପଡ଼ିବ ଯେ ବଡ଼ରୁ ନେଇ ଛୋଟ ପର୍ଯ୍ୟନ୍ତ ସକାଳେ ଫଜର ନମାଜ ଏଥିଯୋଗୁଁ ପଢ଼ିପାରୁନାହାଁନ୍ତି ଯେ ସେମାନେ ଅଧରାତି ପର୍ଯ୍ୟନ୍ତ ଟି.ଭି ଦେଖୁଛନ୍ତି ବା ଇଂଟରନେଟ୍ ସାମନାରେ ବସିରହିଥାନ୍ତି । ନିଜ ପ୍ରୋଗ୍ରାମ ଦେଖୁଥାନ୍ତି, ଫଳତଃ ସକାଳୁ ଆଖି ଖୋଲିନଥାଏ । ପ୍ରକୃତରେ ସେମାନଙ୍କର ସକାଳେ ନମାଜ ପାଇଁ ଉଠିବାକୁ ଇଛା ନଥାଏ ।

◆ ସାଂସାରିକ ପ୍ରୋଗ୍ରାମର ଲୋଭ ଦେଖାଇ ସଇତାନ୍ ନମାଜଠାରୁ ଦୂରକୁ ନେଇଯାଏ । ଏତତ୍‌ବ୍ୟତୀତ ଇଂଟରନେଟ୍ ଏପରି ଏକ ଜିନିଷ ଯେଉଁଥିରେ ବିବିଧ ପ୍ରୋଗ୍ରାମମାନ ଅଛି । ପୁଣି ଫୋନ୍ ଓ ଆଇ. ପ୍ୟାଡ୍ ରେ ଆପ୍ଲିକେସନ୍ ଗୁଡିକ ଅଛି ଏସବୁରେ ଲିପ୍ତ କରାଇଥାଏ ।

◆ ଖରାପ ମନୋରଞ୍ଜନ, ପ୍ରତ୍ୟେକ ଅନାବଶ୍ୟକ କାର୍ଯ୍ୟ ଓ ସଇତାନର ଆକ୍ରମଣରୁ ବଂଚିବା ପାଇଁ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ଗୋଟିଏ ସମ୍ପୂର୍ଣ୍ଣ ଦୁଆର ଆଲୋଚନା ।

◆ ଅଲ୍ଲାଃତାଲା ଆମକୁ mta ପ୍ରଦାନ କରିଛନ୍ତି । ଅଲ୍ଲାଃତାଲା ଆମପାଇଁ ଯମାତର ଆଧାତ୍ମିକ ଓ ଶିକ୍ଷଣୀୟ ପ୍ରୋଗ୍ରାମ ନିମନ୍ତେ ୱେବ୍ ସାଇଟ୍ ମଧ ପ୍ରଦାନ କରିଛନ୍ତି । ଆମେ ଯଦି ଏଥିପ୍ରତି ଅଧିକ ଧ୍ୟାନ ଦେବା ତା ହେଲେ ଆମର ଧ୍ୟାନ ଏପଟେ ରହିବ ଯାହାଦ୍ୱାରା ଆମେ ଅଲ୍ଲାଃତାଲାଙ୍କ ନିକଟତର ହୋଇପାରିବା ଏବଂ ସଇତାନ୍‌ଠାରୁ ବଂଚିପାରିବା ।

◆ ପ୍ରତ୍ୟେକ ଅହେମଦୀ ଘରେ ଧାର୍ଯ୍ୟହେବା ଦରକାର ଯେ ପ୍ରତ୍ୟେକ ସପ୍ତାହ ଅତିକମ୍‌ରେ ହଜୁର୍‌ଙ୍କର ଖୁତ୍‌ବା mta ଦ୍ୱାରା ନିଶ୍ଚିତ ରୂପେ ଶୁଣନ୍ତୁ । ଏତତ୍ ବ୍ୟତୀତ ଅତି କମ୍‌ରେ ପ୍ରତ୍ୟେହ ଗୋଟିଏ ଘଂଟା mta ରେ ଅନ୍ୟ ପ୍ରୋଗ୍ରାମ ମଧ ଦେଖନ୍ତୁ । ଯେଉଁ ଘରେ ଏହା ଉପରେ ଅମଳ ହେଉଛି ଅଲ୍ଲାଃଙ୍କ କୃପାରୁ ସେମାନଙ୍କ ଘରଲୋକେ ଧର୍ମ (ଦୀନ୍) ପ୍ରତି ଢ଼ଳୁଛନ୍ତି । ପିଲାମାନେ ମଧ ଧର୍ମ ଶିଖୁଛନ୍ତି ଓ ବଡ଼ମାନେ ମଧ ଧର୍ମ ଶିଖୁଛନ୍ତି । ଯିଏ ମଧ ଏହା ଉପରେ ଅମଳ କରିବ ତାକୁ ନିଶ୍ଚିତ ରୂପେ ଧର୍ମୀୟ ଲାଭ ମିଳିବ ଏବଂ ତା'ଠାରୁ ସଇତାନ୍ ମଧ ଦୂରେଇଯିବ ।

## ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ
## (ପ୍ରଦତ୍ତ:୨୦ମଇ ୨୦୧୬ ଅନୁଯାୟୀ ୨୦ ହିଜ୍‌ରତ୍ ୧୩୯୫ ସମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ - اَلرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ତଶହୁଦ,ତଉଜ ଓ ସୁରେ ଫାତିହାର ଆବୃତି ପରେ ହଜୁର ଅନୱର ଅ.ବ ସୁରା ନୁର୍‌ର ଆୟତ ନମ୍ବର-୨୨ର ଆବୃତି କଲେ । ଅର୍ଥାତ୍ - ହେ ବିଶ୍ୱାସାରୀମାନେ ! ସଇତାନ୍‌ର ପଦାଙ୍କ ଅନୁସରଣ କର ନାହିଁ; ଏବଂ ଯେ କେହି ସଇତାନ୍‌ର ପଦାଙ୍କ ଅନୁସରଣ କରେ (ସେ ଜାଣିରଖୁ ଯେ) ସଇତାନ୍ ଅଶ୍ଳୀଳତା ଓ ଅଶୋଭନୀୟ କାର୍ଯ୍ୟ ସମ୍ବନ୍ଧରେ ଆଦେଶ ଦିଏ; ଏବଂ ଯଦି ତୁମମାନଙ୍କ ପ୍ରତି ଅଲ୍ଲାଃଙ୍କର କୃପା ଓ କରୁଣା ନଥାନ୍ତା ତେବେ ତୁମମାନଙ୍କ ମଧରେ କେବେ ବି କେହି ପବିତ୍ର ହୁଅନ୍ତା ନାହିଁ; କିନ୍ତୁ ଅଲ୍ଲାଃ ଯାହାକୁ ଇଛା କରନ୍ତି ତାହାକୁ ପବିତ୍ର କରିଥାନ୍ତି; ଏବଂ ଅଲ୍ଲାଃ ହିଁ ମହାନ୍ ଶ୍ରୋତା (ଓ) ସର୍ବଜ୍ଞ ।***(ସୁରା ଅଲ-ନୁର୍:୨୨)*** । ଅଲ୍ଲାଃତାଲା ଏହି ଆୟତ ବ୍ୟତିତ ମଧ ଆଦମ୍‌ର ସନ୍ତାନଙ୍କୁ ଓ ମୋମିନ୍‌ମାନଙ୍କୁ ସଇତାନ୍‌ଠାରୁ ବଂଚିବା ପାଇଁ ଏବଂ ତାର ପଦାଙ୍କ ଅନୁସରଣ ନ କରିବା ପାଇଁ ଆଦେଶ ଦେଇ ସତର୍କ କରାଇଛନ୍ତି । ଏହି ଆଦେଶ ଏଥିପାଇଁ ଯେ ସଇତାନ ଅଲ୍ଲାଃଙ୍କ ଅମାନ୍ୟକାରୀ (ଆଜ୍ଞାବହ ନୁହେଁ) । ସେ ଅଲ୍ଲାଃଙ୍କ ଆଦେଶର ବିପରୀତ ଦିଗରେ ଚାଲେ । ତାଙ୍କ ସହିତ ବିଦ୍ରୋହ କରିଥାଏ । ପ୍ରମାଣିତ ହେଲା ଯେ ଯିଏ ଅଲ୍ଲାଃଙ୍କ ଅମାନ୍ୟକାରୀ ଏବଂ ତାର ଆଦେଶର ଅବଜ୍ଞା କରିଥାଏ ସେ ତାର ପଛରେ ଚାଲିବାବାଲାଙ୍କୁ ତାହା ଶିଖାଇବ ଯାହା ସେ ନିଜେ କରେ ଏବଂ ଏହାର ଫଳ ଏହା ହେବ ଯେ ସଇତାନ ନିଜେ ତ ନର୍କର ଇନ୍ଧନ ଅଟେ ହିଁ ତା' ପଛରେ ଚାଲିବାବାଲାଙ୍କୁ ମଧ ନର୍କର ଇନ୍ଧନ କରିଦେଇଥାଏ । ଅଲ୍ଲାଃତାଲା ସଇତାନକୁ ସ୍ପଷ୍ଟ ଭାବରେ କହିଦେଇଛି ଯେ ତୋ ପଛରେ ଚାଲିବା ବାଲାଙ୍କୁ ମୁଁ ନର୍କରେ ଭରିଦେବି । ତାଙ୍କର ଠିକଣା ନର୍କ ହେବ । ଏହାସବୁ ଖୋଲିକରି କହିବା ପରେ ଅଲ୍ଲାଃତାଲା କହୁଛନ୍ତି କି ଏହାପରେ କଣ ମଣିଷର ଚେତା ଆସୁନାହିଁ କି ସଇତାନ୍ ତୁମର ଖୋଲାଖୋଲି ଶତ୍ରୁ ଅଟେ ବୋଲି । ତେଣୁ ଏହି ଶତ୍ରୁଠାରୁ ବଂଚିକରି ରୁହ ।

ପ୍ରଥମତଃ ଏପରି ଲୋକ ଅଛନ୍ତି ଯାହାଙ୍କୁ ଧର୍ମ ସମ୍ବନ୍ଧୀୟ କିଛି ଜ୍ଞାନ ଅଛି ନା ସେମାନଙ୍କର ଏଥିପ୍ରତି କିଛି ପରବାୟ ଅଛି, ନା ସେମାନେ ସ୍ୱର୍ଗ ଓ ନର୍କ ସମ୍ପର୍କରେ କିଛି ଧାରଣା ରଖିଛନ୍ତି ନା ସେମାନଙ୍କୁ ଅଲ୍ଲାଃଙ୍କ ଅସ୍ତିତ୍ୱ ଉପରେ ବିଶ୍ୱାସ ଅଛି । ସେମାନେ ଧର୍ମତତ୍ତ୍ୱକୁ ବୁଝୁନାହାଁନ୍ତି ଓ ବୁଝିବାକୁ ମଧ ଚାହାଁନ୍ତି ନାହିଁ । ଯଦି କିଛି ଲୋକ ଏ ଦେଶରେ ଇସ୍‌ଲାମ୍ ସମ୍ପର୍କରେ ପଢୁଛନ୍ତି ତାହା କେବଳ ଜ୍ଞାନ ଆହାରଣ ପାଇଁ ବା ଏଥିପାଇଁ ଯେ ତାଙ୍କର ଇସ୍‌ଲାମ୍ ସମ୍ବନ୍ଧୀୟ ଜ୍ଞାନ ଅଛି ବୋଲି । କିନ୍ତୁ ବାସ୍ତବରେ ତାଙ୍କର ଜ୍ଞାନ କେବଳ ଉପର ଠାଉରିଆ ଓ ପୁସ୍ତକ କୀଟ ସଦୃଶ । କିଛି ଲୋକ ଏପରି ମଧ ଅଛନ୍ତି ଯେଉଁମାନେ କେବଳ ସମାଲୋଚନା ଓ ଆରୋପ ଲଗାଇବା ଦୃଷ୍ଟିରେ ପବିତ୍ର କୋରାନ୍‌କୁ ପଢ଼ିଥାନ୍ତି ଏବଂ ଇସ୍‌ଲାମ୍ ସମ୍ବନ୍ଧରେ ଜ୍ଞାନ ଆହରଣ କରିଥାନ୍ତି । କିନ୍ତୁ ଇସ୍‌ଲାମୀୟ ଜ୍ଞାନ ଓ ଉପକାରିତାରୁ କୌଣସି ଶିକ୍ଷା ଲାଭ କରନ୍ତି ନାହିଁ । ସେହିପରି ସଇତାନ୍‌ର ବଳୟରୁ ମଧ ବାହାରିପାରନ୍ତି ନାହିଁ ନା ସେମାନଙ୍କୁ ଅଲ୍ଲାଃଙ୍କ ଅନ୍ୱେଷଣ ଅଛି ନା ସେମାନଙ୍କୁ ଏହାର ସଡକ ଅଛି । ଏପରି ଲୋକ ତ ସଇତାନର ପଛରେ ଚାଲିଥାନ୍ତି କିନ୍ତୁ ଏପରି ଲୋକ ଅଛନ୍ତି ଯେଉଁମାନେ ନିଜକୁ ବିଶ୍ୱାସକାରୀ (ମୋମିନ୍) ଙ୍କ ଗହଣରେ ଗଣି ମଧ ସଇତାନ୍‌ର ପଦାଙ୍କ ଅନୁସରଣ କରିଥାନ୍ତି ବା ଅଜାଣତରେ କିଛି କାର୍ଯ୍ୟକରି ଅଲ୍ଲାଃତାଲାଙ୍କ ନିକଟତର ହେବାପାଇଁ ସମ୍ପୂର୍ଣ୍ଣ ଚେଷ୍ଟା ନ କରି ସଇତାନ୍‌ର ପଦାଙ୍କ ଅନୁସରଣ କରିଥାନ୍ତି । ଏଥିପାଇଁ ଅଲ୍ଲାଃତାଲା ଏହି ଆୟତରେ ମୋମିନ୍‌ଙ୍କୁ ସତର୍କ କରାଇଦେଇଛନ୍ତି । ତାଙ୍କୁ କହୁଛନ୍ତି କି ସଇତାନ୍‌ର ପଦାଙ୍କ ଅନୁସରଣ କର ନାହିଁ । ମୋମିନ୍‌ମାନଙ୍କୁ ଏହା ସତର୍କ କରାଇ ଦିଆଯାଇଛି ଯେ ଏହା ଭାବି ନିଅନାହିଁ ଆମେ ବିଶ୍ୱାସ ନେଇଆସିଛୁ, ଆମେ ଇସ୍‌ଲାମ୍ ଗ୍ରହଣ କରିଅଛୁ ସେଥିଯୋଗୁ ଆମେ ବେପରୁଆ ହୋଇଯିବୁ । ସେମାନେ ଭାବୁଛନ୍ତି କି ସଇତାନ୍‌ର ଆକ୍ରମଣ ଓ ସଇତାନର ପଦାଙ୍କ ଅନୁସରଣରୁ ଆମେ ବେପରୁଆ ହୋଇଗଲୁ ବୋଲି । ନୁହେଁ, ଅଲ୍ଲାତାଲା କହୁଛନ୍ତି ଏବେ ମଧ ସଇତାନର ହମ୍‌ଲା ପୂର୍ବପରି ରହିଛି । ଜଣେ ମୋମିନ୍ ସଇତାନ୍ ଦ୍ୱାରା ଗିରଫ ହୋଇପାରେ, ଯେପରି ଜଣେ ଅଣ ମୋମିନ୍ ହୋଇପାରେ । ତେଣୁ ପ୍ରତ୍ୟେକ ମୋମିନ୍‌ଙ୍କ ନିମନ୍ତେ ଜରୁରୀ ଅଟେ ଯେ ସଇତାନ୍‌ର ଆକ୍ରମଣରୁ ବଂଚିବା ପାଇଁ ଅଲ୍ଲାଃତାଲାଙ୍କୁ ସର୍ବଦା ମନେ ରଖନ୍ତୁ ।

ସଇତାନ ସେହି ପ୍ରତିଶ୍ରୁତିର ସହିତ ପ୍ରାରମ୍ଭରୁ ମନୁଷ୍ୟକୁ ପୁଣ୍ୟ କର୍ମରୁ ଦୂରେଇ ନେବା ପାଇଁ ଅନୁମତି ଲୋଡ଼ିଛି କି ମତେ ମଣିଷକୁ ଧୋକା ଦେବାପାଇଁ ଓ ମୋ ଅନୁସରଣ କରିବା ପାଇଁ ଅଧିକାର ମିଳୁ, ତେବେ ମୁଁ ସବୁ ଯାଗାରେ ତାକୁ ଧୋକାଦେବି ଏବଂ କିସମ କିସମର ହିଲା ବାହାନା କରି ତାକୁ ନିଜ ପଛରେ ଚଲାଇବି ଏବଂ ସଇତାନ୍ ଦାବି କରିଥିଲା ଯେ ଅଧିକାଂଶ ଲୋକ ମୋ ପଛରେ ଚାଲିବେ । ତେଣୁ ଏହା ସବୁ ଆମେ ଏ ସଂସାରରେ ହବାର ଦେଖୁଅଛୁ ଏପରିକି ଅଲ୍ଲାଃତାଲା ସାବଧାନ ଓ ସତର୍କ କରିଥିବା ସତ୍ତ୍ୱେ ମଧ ଇମାନ୍‌ର ଦାବି କରୁଥବା ବ୍ୟକ୍ତିମାନେ ସଇତାନ୍‌ର ପଦାଙ୍କ ଅନୁସରଣ କରୁଛନ୍ତି । ଉଦାହରଣ ସ୍ୱରୁପ ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ କହୁଛନ୍ତି କି ***ୱ ମଇଁ ୟକ୍‌ତଲ୍ ମୁମେନମ୍ ମୁତଅମ୍ମିଦନ୍ ଫ ଯଜାଉହୁ ଯହନ୍ନମ୍ (ସୁରା ନିସା - ୯୪)*** । ଅର୍ଥାତ୍- ଯିଏ ଜାଣିଶୁଣି କୌଣସି

ବିଶ୍ୱାସକାରୀଙ୍କୁ ହତ୍ୟା କରିବ ତାହାର ଶାସ୍ତି ନର୍କ ହେବ । ଆଜିକାଲି ମୁସଲ୍‌ମାନ ଦୁନିଆରେ ଯାହା ଘଟୁଛି ତାହା କଣ ? ନିଜ ନିଜ ଭିତରେ ହଣା କଟା ହୋଇ ଏକ ଆରେକକୁ ହତ୍ୟା କରି ସଇତାନ୍ ପଛରେ ଚାଲିଛନ୍ତି । ବିନା କାରଣରେ ରୁଢ଼ିବାଦିମାନେ ଯେଉଁ ହତ୍ୟାର ବିଭତ୍ସକାଣ୍ଡ କରୁଛନ୍ତି ସେମାନେ ଯାହାକୁ ପାଇଲେ ତାହାକୁ ମଧ ହତ୍ୟା କରୁଛନ୍ତି, ଏସବୁ ସଇତାନ୍ କାର୍ଯ୍ୟ ଅଟେ ଏବଂ ନର୍କ ଆଡ଼କୁ ନେଇଯାଏ । ଯଦିଚ ଏହା ସଇତାନ୍‌ର ପ୍ରଲୋଭନରେ ଆସି ଯନ୍ନତ୍ ହାସଲ ଲାଳସାରେ କରାଯାଉଛି । ସଇତାନ ତ ଏହା ଚାହୁଁଛି ଯେ ତୁମେ ଏହି କାର୍ଯ୍ୟ କର ବଦଳରେ ଯନ୍ନତ ମିଳିବ । କିନ୍ତୁ ଅଲ୍ଲାଃତାଲା କହୁଛନ୍ତି ଯଦି ତୁମେ ଏ କାର୍ଯ୍ୟ କର ତା ହେଲେ ତୁମେ ଯନ୍ନତ (ସ୍ୱର୍ଗ) କୁ ଯାଇପାରିବ ନାହିଁ, ନର୍କକୁ ଯିବ । କାରଣ ତୁମେ ସଇତାନ୍‌ର ପଛରେ ଚାଲୁଅଛ । ତେଣୁ ଅଲ୍ଲାଃତାଲା ମୋମିନ୍‌ଙ୍କୁ ନିର୍ଦ୍ଦେଶ ଦେଉଛନ୍ତି କି ସର୍ବଦା ନିଜ ଉପରେ ଧ୍ୟାନ ରଖ ଏବଂ ନିରୀକ୍ଷଣ କରୁଥାଅ ଯେ ତୁମେ ସଇତାନ୍‌ର ପାଲରେ ନ ପଡ଼ିଯାଅ । ଛୋଟ ଛୋଟ କଥାର ଅମାନ୍ୟ କରି ସଇତାନର ପଦାଙ୍କ ଅନୁସରଣ କରୁଛ ବା ବଡ଼ବଡ଼ ପାପ କରି ସଇତାନ୍‌ର ପଦାଙ୍କ ଅନୁସରଣ କରୁଅଛ । ଏହା ଜରୁରୀ ନୁହେଁ ଯେ କେବଳ ମୌଳବାଦୀମାନେ ବା ଖୁନି ହିଁ ସଇତାନ୍‌ର ପଦାଙ୍କ ଅନୁସରଣ କରୁଛନ୍ତି ଯାହାର ଦୃଷ୍ଟାନ୍ତ ମୁଁ ଦେଇସାରିଛି । ପରନ୍ତୁ ମନୁଷ୍ୟ ଅଲ୍ଲାଃତାଲାଙ୍କର ଛୋଟ ଛୋଟ ନିର୍ଦ୍ଦେଶରୁ ଦୂରେଇଯାଇ ମଧ ସଇତାନ୍‌ର ନିକଟତର ହୋଇଥାଏ । ତେଣୁ ବହୁତ ସତର୍କ ହେବାକୁ ପଡ଼ିବ । ବାସ୍ତବିକ ମୋମିନ ହେବାକୁ ହେଲେ ବହୁତ ସତର୍କ ଅବଲମ୍ବନ କରିବାକୁ ହେବ । ସଇତାନ୍‌ର ଚାଲ୍‌କୁ ମଣିଷ ବୁଝିବା ଏକ କଷ୍ଟକର ବ୍ୟାପାର । ସଇତାନ୍ ଯେତେବେଳେ ମନୁଷ୍ୟକୁ ପାଲରେ ପକାଏ ଓ ମନ୍ଦକାର୍ଯ୍ୟ କରିବା ପାଇଁ ପ୍ରୋତ୍ସାହନ ଦେଇଥାଏ ବା ଅଲ୍ଲାଃତାଲାଙ୍କର ଅମାନ୍ୟ କରାଇଥାଏ ସେ ଖୋଲିକରି କହିନଥାଏ ଯେ ତୁମେ ଅମାନ୍ୟ ହୁଅ, ଅଲ୍ଲାଃଙ୍କୁ ଦୂରେଇ ଯାଅ ବା ଅମୁକ ଅମୁକ ଖରାପ କାର୍ଯ୍ୟ କର ବୋଲି । ପରନ୍ତୁ ପୁଣ୍ୟର ଆଳ ଦେଖାଇ ଖରାପ କାର୍ଯ୍ୟ କରାଇଥାଏ । ସଇତାନ୍ ଆଦମ୍‌କୁ ମଧ ପୁଣ୍ୟର ଆଳ ଦେଖାଇ ଅଲ୍ଲାଃଙ୍କ ନିର୍ଦ୍ଦେଶଠାରୁ ଦୂରେଇ ଦେଇଥିଲା ।

ମୁଁ ଯେଉଁ ଆୟତଟି ପାଠକରି ଏଥିରୁ ଆମକୁ ସୂଚନା ମିଳୁଛି ଯେ କିପରି ମନ୍ଦକାର୍ଯ୍ୟ ବ୍ୟାପୁଛି ଏବଂ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ବ୍ୟାପିଯାଇ ଏକ ବିଶାଳ ଇଲାକାକୁ ନିଜର ଆୟତରେ ନେଇଯାଉଛି । ସଇତାନର ଗୋଟିଏ ପରେ ଗୋଟିଏ ପଦାଙ୍କ ଅନୁସରଣ କରି ମଣିଷ ମନ୍ଦ ଜିନିଷକୁ ପ୍ରଶାର କରି ଚାଲିଛି । ପ୍ରାରମ୍ଭରେ ଗୋଟିଏ ମନ୍ଦକାର୍ଯ୍ୟ ବହୁତ ଛୋଟ ଜଣାପଡ଼େ ବା ମଣିଷ ଭାବେ କି ଏହି ଛୋଟ ମନ୍ଦ କାର୍ଯ୍ୟଟି ତା'ର ସମାଜର କ'ଣ କ୍ଷତି କରିବ ? କିନ୍ତୁ ଯେତେବେଳେ ଏହା ଏକ ବଡ଼ ଇଲାକାରେ ପ୍ରଶାରିତ ହୋଇଯାଏ ବା ବହୁତ ଲୋକ ଏହି ମନ୍ଦକାର୍ଯ୍ୟକୁ କରିଥାନ୍ତି ଓ ଏହାର ଭୃକ୍ଷେପ କରନ୍ତି ନାହିଁ ବା ସମାଜର ଚାପରେ ଏହାକୁ ମନ୍ଦକାର୍ଯ୍ୟ କରିବା ପାଇଁ ଡ଼ରିଥାନ୍ତି ବା ନିଜକୁ ଛୋଟ ମନେ କରନ୍ତି ଯେ ଯଦି ଏହାର ପ୍ରକାଶ ଆମେ କରୁ ଆମକୁ ସମାଜ ହୀନ ଦୃଷ୍ଟିରେ ଦେଖିବ, ସେଥିଯୋଗୁଁ ଚୁପ୍ ହୋଇଯାନ୍ତି ବା ଅମଳ କରିନଥାନ୍ତି । ଏହି ସମାଜରେ ବହୁତ ଗୁଡିଏ କଥା ଘଟୁଛି ଯାହା ସମାଜର ସ୍ୱାଧୀନତା ନାମରେ ହେଉଛି । ଏହା ଖରାପ କାର୍ଯ୍ୟ ହୋଇଥିଲେ ମଧ ଦେଶଗୁଡିକ ଏହା ଆପଣେଇ ନେଉଛନ୍ତି ।

ଉଦାହରଣ ସ୍ୱରୁପ ଏହି ସମାଜରେ ସେମାନଙ୍କ ଦୃଷ୍ଟିରେ ପର୍ଦା ବ୍ୟବସ୍ଥା, ସ୍ତ୍ରୀମାନଙ୍କର ଅଧିକାରକୁ ଛିନ୍ନ କରିବା ଅଟେ, ତେଣୁ ଏଠି ପର୍ଦାର ବିରୋଧରେ ବହୁତ କିଛି କୁହାଯାଉଛି ଏବଂ ସେମାନଙ୍କ ଦୃଷ୍ଟିରେ ଏହା (ପର୍ଦା ନକରିବା) କୌଣସି ମନ୍ଦ କାର୍ଯ୍ୟ ନୁହେଁ । ତେଣୁ ଏହି ସମାଜରେ ଏମାନେ କହନ୍ତି ଯେ ଶରିୟତ୍‌ର ଏପରି ନିର୍ଦ୍ଦେଶ (ନିୟମକାନୁନ୍) ଏଠି ଦରକାର ନଥିଲା । କିଛି ଝିଅପିଲା ହୀନମନ୍ୟତାର ଶିକାର ହୋଇ ଲୋକମାନେ କ'ଣ କରିବେ ବା ସେମାନଙ୍କର ସାଙ୍ଗ ସାଥି ଏହାକୁ ପସନ୍ଦ କରୁନାହାଁନ୍ତି ବା ସ୍କୁଲ ଓ କଲେଜ୍‌ରେ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ଏହାକୁ ପସନ୍ଦ କରୁନାହାଁନ୍ତି ଓ ଥଟା ପରିହାସ କରୁଛନ୍ତି ବୋଲି ପର୍ଦା କରିବାରେ ଅବହେଳା କରୁଛନ୍ତି । ସଇତାନ୍ ଏହାକୁ ମାମୁଲି ଜିନିଷ ବୋଲି କହି କହୁଛୁ ଯେ ତୁମେ ଏହି ବିଷୟ(ପର୍ଦା ବ୍ୟବସ୍ଥା)କୁ ଛାଡି ଦେଇ (କିଛି ଭୁଲ କରିନାହିଁ) କୌଣସି ପବିତ୍ରତା ନଷ୍ଟ କରିନାହିଁ । ସମାଜର ମନ୍ତ୍ରଣାରୁ ବଂଚିବା ପାଇଁ ତୁମେ ତୁମର ଓଢ଼ଣି, ସ୍କାର୍ଫ ଓ ନିକାବ୍ (ବୁର୍ଖା) କୁ କାଢ଼ିଦିଅ, କିଛି ହେବ ନାହିଁ । ଏହଛଡ଼ା ବାକି ସବୁ କାର୍ଯ୍ୟ ତ ତୁମେ ଇସ୍‌ଲାମ୍ ଅନୁଯାୟୀ କରୁଅଛ । କିନ୍ତୁ ସେ ସମୟରେ ପର୍ଦା ନକରୁଥିବା ଝିଅ ଓ ସ୍ତ୍ରୀମାନେ ଭୁଲିଯାଆନ୍ତି ଯେ ପର୍ଦା କରିବାର ନିର୍ଦ୍ଦେଶ ପବିତ୍ର କୋରାନ୍‌ରେ ଦିଆଯାଇଛି । ସ୍ତ୍ରୀଙ୍କର ଲଜ୍ୟା ତାଙ୍କ ଲଜ୍ୟାଶୀଳ ପୋଷାକରେ ନିହିତ ଥାଏ । ସ୍ତ୍ରୀଙ୍କର ପବିତ୍ରତା ବିନା କାରଣରେ ପର ପୁରୁଷଙ୍କ ସହିତ ମିଳାମିଶା କରିବାରୁ ବଂଚିବାରେ ହୋଇଥାଏ । ଅଲ୍ଲାଃଙ୍କ କୃପାରୁ ଏହି ପରିବେଶରେ ଏପରି ମଧ ଅହେମଦୀ ଝିଅ ଅଛନ୍ତି ଯେଉଁମାନେ ପର୍ଦା ସପକ୍ଷରେ ଅନ୍ୟମାନଙ୍କୁ ମୁହଁତୋଡ଼ ଉତର ଦେଇଛନ୍ତି ଯେ ଏହା ଆମର କର୍ତବ୍ୟ ଅଟେ ଏବଂ ଆମେ ଯାହା ପସନ୍ଦ କରୁଛୁ ତାହା ଆମେ କରୁଅଛୁ । ତୁମେ ଆମର ପର୍ଦାକୁ କାଢ଼ିବା ପାଇଁ ବାଧ୍ୟ କରି ଆମର ସ୍ୱାଧୀନତା କଣ ପାଇଁ କ୍ଷୁର୍ଣ୍ଣ କରୁଅଛ ? ଆମକୁ ମଧ ଆମ ପୋଷାକକୁ ନିଜ ମନ ମୁତାବକ ପିନ୍ଧିବାର ଓ ଗ୍ରହଣ କରିବାର ଅଧିକାର ଅଛି । କିନ୍ତୁ କିଛି ଲୋକ ଏପରି ଅଛନ୍ତି ଯେଉଁମାନେ ଅହେମଦୀ ହୋଇ ମଧ୍ୟ ଏହା କହୁଛନ୍ତି ଯେ ଏହି ପରିବେଶରେ ପର୍ଦା କରିବା ଓ ସ୍କାର୍ଫ ପିନ୍ଧିବା ବହୁତ କଷ୍ଟକର । ଆମକୁ ଲାଜ ମାଡୁଛି । ମା ବାପାଙ୍କୁ ଝିଅମାନଙ୍କୁ ପିଲାଦିନୁ ଏହି ସଂସ୍କାର ଦେବା ଉଚିତ୍ ଯେ ତୁମକୁ ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶକୁ ମାନିବା ଦ୍ୱାରା ନୁହେଁ ବରଂ ଇସ୍‌ଲାମ୍‌ର ଶିକ୍ଷା ଉପରେ ଅମଳ ନ କରିବା ଯୋଗୁଁ ଲାଜ ଲାଗିବା କଥା ।

ଏହିପରି ଏହି ସ୍ୱାଧୀନ ପରିବେଶ ଯୋଗୁଁ ପୁଅମାନଙ୍କ ମଧରେ କିଛି ମନ୍ଦକାର୍ଯ୍ୟ ଚୁପ୍ ଚାପ୍ ପ୍ରବେଶ କରିଥାଏ । ଯେତେବେଳେ ସେମାନେ ଗୋଟିଏ ମନ୍ଦ କାର୍ଯ୍ୟରେ ଲିପ୍ତ ରୁହନ୍ତି ତା ସଙ୍ଗେ ସଙ୍ଗେ ଏକାଧିକ ମନ୍ଦକାର୍ଯ୍ୟ ସ୍ୱୟଂ ଚାଲିଆସେ ସେଥିରେ ସେମାନେ ଲିପ୍ତ ହୋଇଯାନ୍ତି ।

ତେଣୁ ସଇତାନ୍‌ଠାରୁ ବଂଚିବା ପାଇଁ ଘରେ ଘରେ ଏପରି ମୋର୍ଚା ତିଆରି କରିବାକୁ ପଡ଼ିବ । ଯଦ୍ୱାରା ତା'ର ପ୍ରତ୍ୟେକ ଆକ୍ରମଣରୁ ନା କେବଳ ବଂଚିପାରିବା ବରଂ ତା'ର ହମ୍‌ଲାର ପ୍ରତିରୋଧ ମଧ କରାଯାଇପାରିବ । ସଇତାନ୍‌ର ଆଦର (ପ୍ରୋତ୍ସାହନ) କୁ ସ୍ନେହ ଭାବି ତାକୁ ନିଜ ଜୀବନରେ ପ୍ରବେଶ କରାନ୍ତୁ ନାହିଁ ବରଂ ସର୍ବଦା ଇସ୍ତଗ୍‌ଫାର (ଅଲ୍ଲାଃଙ୍କ କରୁଣାଭିକ୍ଷା) କରି ଅଲ୍ଲାଃତାଲାଙ୍କ ଛତ୍ରଛାୟା ତଳେ ଆସିବା ପାଇଁ ପ୍ରତ୍ୟେକ ଅହେମଦୀଙ୍କୁ ଚେଷ୍ଟା କରିବା ଉଚିତ୍ । ସଇତାନ୍‌ଠାରୁ ବଂଚିବାର ସବୁଠାରୁ ବଡ଼ ଆଶ୍ରୟ ଅଲ୍ଲାଃତାଲା ଅଟନ୍ତି । ତେଣୁ ଏହି ବିଗିଡ଼ି ଯାଇଥିବା ଯୁଗରେ ଇସ୍ତେଗ୍‌ଫାର୍ କରି ଅଲ୍ଲାଃତାଲାଙ୍କ ଛତ୍ର ତଳେ ଆସିବା ପାଇଁ ଚେଷ୍ଟା କରିବା ଉଚିତ୍ । କାରଣ ଇସ୍ତେଗ୍‌ଫାର୍ ହିଁ ସେହି ଜରିଆ ଯାହା ଦ୍ୱାରା ଲୋକ ଅଲ୍ଲାଃଙ୍କ ଆଶ୍ରୟ ପାଇପାରିବେ । କୌଣସି ଲୋକ ଜାଣି ଶୁଣି କରି କୌଣସି ମନ୍ଦକାର୍ଯ୍ୟ କରିବାକୁ ଚାହେଁ ନାହିଁ । ଏହା ପ୍ରକୃତିର ବିରୋଧି ଅଟେ ଯେ ଜଣେ ଯଦି ଜାଣିଥାଏ କି ଏହି କାର୍ଯ୍ୟ କ୍ଷତିକାରକ ବୋଲି ପୁଣି କିପରି ତହା କରିବା ପାଇଁ ଚେଷ୍ଟା କରିବ ? ଜଣେ ନୈଷ୍ଠିକ ମୋମିନ୍‌କୁ ଅଲ୍ଲାଃତାଲା ଭଲ ଓ ମନ୍ଦ ବିଷୟରେ ଖୋଲି କରି ଜଣାଇଦେଇଛନ୍ତି । ତେଣୁ ଅଲ୍ଲାଃତାଲାଙ୍କ ଦ୍ୱାରା ଦିଆଯାଇଥିବା ଶିକ୍ଷା ଅନୁସାରେ ମନ୍ଦ କାର୍ଯ୍ୟରୁ ନିବୃତ ହେବା ଓ ଭଲ କାର୍ଯ୍ୟକୁ ଆପଣେଇବା ପାଇଁ ପ୍ରତ୍ୟେକ ମୋମିନ୍ ଚେଷ୍ଟା କରିବା ଉଚିତ୍ । ସଇତାନ୍ ଜାଣିଛି ଯେ ଯେତେବେଳ ପର୍ଯ୍ୟନ୍ତ ମନୁଷ୍ୟ ଅଲ୍ଲାଃଙ୍କ ଶରଣରେ ଅଛି ଓ ତାର କିଲା ଭିତରେ ସୁରକ୍ଷିତ ଅଛି ସେ ପର୍ଯ୍ୟନ୍ତ ସେ କୌଣସି କ୍ଷତି ପହଂଚାଇ ପାରିବ ନାହିଁ । ସେଥିଯୋଗୁଁ ସଇତାନ୍ ଉକ୍ତ ସୁରକ୍ଷିତ କିଲାରୁ ବାହାର କରି ନିଜ ପଛରେ ଚଲାଇଥାଏ । ତେଣୁ ସେ ମଣିଷକୁ ଅଲ୍ଲାଃଙ୍କ କିଲାରୁ ବାହାର କରିବା ପାଇଁ ପୁଣ୍ୟର ଆଳ ଦେଖାଇଥାଏ । ବାସ୍ତବରେ ପୁଣ୍ୟର ଆଳ ଦେଖାଇ ଜଣେ ମୋମିନ୍‌କୁ ଅଲ୍ଲାଃତାଲାଙ୍କ ଶରଣରୁ ବାହାର କରିଦିଆଯାଏ । ବେଳେବେଳେ ପୁଣ୍ୟ ନାଁ ରେ, ସହାନୁଭୂତି ନାଁ ରେ, ଅନ୍ୟକୁ ସାହାଯ୍ୟ କରିବା ନାଁ ରେ ପୁରୁଷ ଓ ସ୍ତ୍ରୀ ମଧରେ ବନ୍ଧୁତା ସୃଷ୍ଟି ହୋଇଥାଏ ଯାହାର ପୁଣି (ପରବର୍ତୀ ସମୟରେ) ବେଳେବେଳେ ଖରାପ ଫଳ ମଧ ବାହାରିଥାଏ । ତେଣୁ ଆଁ ହଜ୍‌ରତ ସ:ଆ:ସ ଏପରି ଘରକୁ ଯିବା ପାଇଁ ମନା କରୁଥିଲେ, ଯାହାର ସ୍ୱାମୀ ଘରେ ନଥିବେ ଏବଂ ଏହାର କାରଣ ଏହା ଅଟେ ଯେ ସଇତାନ୍ ମଣିଷର ଧମନୀରେ ଦଉଡୁଥାଏ । ***(ହଦିସ୍ ସୁନନ ତିର୍‌ମିଜି:୧୧୭୨)***

ଏହି ଆଦେଶରେ ଆଁ ହଜ୍‌ରତ ସ:ଆ:ସ ଗୋଟିଏ ଯୁକ୍ତିଯୁକ୍ତ ଆଦେଶର ନିର୍ଦ୍ଦେଶ ଦେଲେ ଯେ, (ନା ମହ୍‌ରୁମ୍) ଅପରିଚିତ ବିବାହ ଉପଯୁକ୍ତ ବ୍ୟକ୍ତି (ଝିଅ ପୁଅ) ନିଜ ଭିତରେ ଅବାଧ ମିଳାମିଶା ନ କରନ୍ତୁ । କାରଣ ଏହା ଦ୍ୱାରା ସଇତାନ୍‌କୁ ନିଜ ଲକ୍ଷ ପୁରଣ କରିବା ପାଇଁ ମୌକା ମିଳିଯିବ ।

ତେଣୁ ଏପରି ପରିବେଶରେ ଅହେମଦୀମାନଙ୍କୁ ବିଶେଷ ଭାବରେ ସତର୍କ ରହିବାକୁ ହେବ । କାରଣ ଏଠି ସ୍ୱାଧୀନତାର ନାମରେ ପୁଅ ଝିଅ ମାନଙ୍କର ଅବାଧ ମିଳାମିଶାକୁ ଖରାପ ଭାବନ୍ତି ନାହିଁ ।

ପୁଣି ଦେଖାଯାଉଛି କେବଳ ନିର୍ବୋଧ ପୁଅ ଝିଅ ମାନଙ୍କ ଦ୍ୱାରା ଏହି ମନ୍ଦ କାର୍ଯ୍ୟ ହୋଇନଥାଏ ବରଂ ଏହା ମଧ ଦେଖିବାକୁ ମିଳୁଛି ଯେ ସ୍ୱାଧୀନତାର ନାମରେ ବିବାହିତ ଲୋକେ ବନ୍ଧୁତ୍ୱ ଆଳରେ ଘରମାନଙ୍କରେ ଅବାଧ୍ୟ ପ୍ରବେଶ କରୁଛନ୍ତି, ଏଥିଯୋଗୁଁ ଘର ଉଜୁଡ଼ି ଯାଉଛି । ଆମ ଉପରେ ଅଲ୍ଲାଃତାଲାଙ୍କର ଦୟା ଯେ ଆମେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କୁ ମାନିବାର ସୁଯୋଗ ପାଇଛୁ । ଇସ୍‌ଲାମର ସବୁ ନିର୍ଦ୍ଦେଶର ଗୁଢ଼ ରହସ୍ୟ ଆମକୁ ଶିଖାଇଛନ୍ତି । ଆଁ ହଜ୍‌ରତ୍ ସ:ଆ:ସ ଙ୍କ ପ୍ରତ୍ୟେକ ଉପଦେଶ ଉପରେ ଆମକୁ ବିନା ଦ୍ୱିଧାରେ ଅମଳ କରିବାକୁ ହେବ । ଖରାପ ଜିନିଷ ମଧରେ ଆଜିକାଲି ଟି.ଭି. ଓ ଇଂଟରନେଟ୍ ଇତ୍ୟାଦି ଅଛି । ଅନେକ ଘରେ ବଡ଼ରୁ ଛୋଟ ପର୍ଯ୍ୟନ୍ତ ଫଜର ନମାଜ ସଠିକ୍ ସମୟରେ

ଏଥିଯୋଗୁଁ ପଢ଼ିପାରୁନାହାନ୍ତି ଯେ ସେମାନେ ଅଧରାତି ପର୍ଯ୍ୟନ୍ତ ଟି.ଭି କିମ୍ବା ଇଂଟରନେଟ୍ ସାମ୍ନାରେ ନିଜ ନିଜର ପ୍ରୋଗ୍ରାମ୍ ଦେଖୁଛନ୍ତି । ଫଳତଃ ସକାଳୁ ଆଖି ଖୋଲୁନାହିଁ । ବରଂ ଏପରି ଲୋକଙ୍କର ସକାଳୁ ଉଠି ଫଜର ପଢ଼ିବା ପାଇଁ ଧ୍ୟାନ ରହେନାହିଁ । ଏହି ଦୁଇଟି ଜିନିଷ (ଟି.ଭି ଓ ଇଂଟରନେଟ୍) ଏପରି ବେକାର ଜିନିଷ ଯେ ସେମାନେ କେବଳ ଥରେ ଅଧେ ଆପଣଙ୍କ ନମାଜ ନଷ୍ଟ କରିନଥାନ୍ତି ବରଂ ଯେଉଁମାନଙ୍କର ଅଭ୍ୟାସ ପଡ଼ିଯାଏ ସେମାନଙ୍କର ପ୍ରତ୍ୟହ ଏହି ଅଭ୍ୟାସ ହୋଇଯାଏ କି ଅଧରାତି ପର୍ଯ୍ୟନ୍ତ ପ୍ରୋଗ୍ରାମ ଦେଖିବସିଲିବେ ବା ଇଂଟରନେଟ୍ ସମ୍ମୁଖରେ ବସିରହିବେ । ସେଥିଯୋଗୁଁ ସକାଳେ ଫଜର ନମାଜ ପଢ଼ିବା ପାଇଁ ତାଙ୍କୁ କେବଳ କଷ୍ଟକର ନୁହେଁ ବରଂ ଉଠି ହିଁ ପାରିବେ ନାହିଁ । ଏପରି ମଧ୍ୟ କେତେ ଅଛନ୍ତି ଯେଉଁମାନେ (ଉପରୋକ୍ତ କାରଣ ଯୋଗୁଁ) ନମାଜକୁ ଗୁରୁତ୍ୱ ଦିଅନ୍ତି ନାହିଁ । ନମାଜ ଏପରି ଗୋଟିଏ ପ୍ରଧାନ ଜିନିଷ ଏହାକୁ ଯେ କୌଣସି ପରିସ୍ଥିତିରେ ପାଠ କରିବା ଅନିର୍ବାର୍ଯ୍ୟ ଅଟେ । ଏପରିକି ଯୁଦ୍ଧ, କଷ୍ଟ ଓ ରୋଗ ଅବସ୍ଥାରେ ମଧ୍ୟ । ମଣିଷ ବସିକି ପଢ଼ୁ, ଶୋଇକି ପଢ଼ୁ ବା ଯୁଦ୍ଧ ସମୟରେ ବା ସଫର (ଭ୍ରମଣ) ସମୟରେ କସର (ନମାଜକୁ ଛୋଟ କରି ପଢ଼ିବା) କରି ପଢ଼ୁ । ପଢ଼ିବାଟା ନିଶ୍ଚିତ ଅଟେ । ସାଧାରଣ ଅବସ୍ଥାରେ ପୁରୁଷଙ୍କୁ ଯମାତ ସହିତ ଓ ସ୍ତ୍ରୀମାନଙ୍କୁ ମଧ୍ୟ ସମୟରେ ନମାଜ ପଢ଼ିବା ପାଇଁ ନିର୍ଦ୍ଦେଶ ଅଛି । କିନ୍ତୁ ସଇତାନ୍ ଗୋଟିଏ ସାଂସାରିକ ପ୍ରୋଗ୍ରାମକୁ ଦେଖାଇବା ଲାଳସାରେ ନମାଜଠାରୁ ଦୂରେଇ ନେଉଛି । ଏହିପରି ଇଂଟରନେଟ୍ ଦ୍ୱାରା ମଧ୍ୟ ବିବିଧ ପ୍ରୋଗ୍ରାମ ଓ ଅନେକ ଆପ୍ଲିକେସନ୍ ଅଛି, ଫୋନ୍ ଜରିଆରେ ମଧ୍ୟ ବା ଆଇ. ପ୍ୟାଡ୍ ରେ ମଧ୍ୟ ଅନେକ ପ୍ରୋଗ୍ରାମ ଅଛି ଯେଉଁଥିରେ (ସଇତାନ୍) ଲିପ୍ତ କରାଇଥାଏ । ଉପରୋକ୍ତ ମଧ୍ୟରେ ପ୍ରଥମେ ଭଲ ପ୍ରୋଗ୍ରାମ ଦେଖନ୍ତି । ତା'ର ପ୍ରଭାବ ଏତେ ଯେ ପ୍ରଥମେ ଭଲ ଜିନିଷ ଦେଖୁ ଦେଖୁ ପୁଣି ଖରାପ ଏବଂ ଅଶ୍ଳୀଳ ଜିନିଷ ଦେଖିବାକୁ ପଡ଼େ । ଅନେକଙ୍କ ଘରେ ଏଥିପାଇଁ ଅଶାନ୍ତି ଦେଖାଯାଏ ଯେ ସ୍ତ୍ରୀର ହକ୍ ସ୍ତ୍ରୀକୁ ଦିଆଯାଏ ନାହିଁ, ସେହିପରି ପିଲାଙ୍କୁ ହକ୍ ମିଳେନାହିଁ । ଏଥିପାଇଁ ଯେ ପୁରୁଷ ଅଧରାତି ପର୍ଯ୍ୟନ୍ତ ଟିଭି ବା ଇଂଟରନେଟ୍ ଜରିଆରେ ଅଶ୍ଳୀଳ ପ୍ରୋଗ୍ରାମ୍ ଦେଖିବାରେ ବ୍ୟସ୍ତ ରହନ୍ତି । ପୁଣି ଏହିପରି ଘରର ପିଲାମାନେ ମଧ୍ୟ ଉପରୋକ୍ତ ପରିବେଶରେ ବଢ଼ି ସେହି ଜିନିଷ ଦେଖିଥାନ୍ତି । ତେଣୁ ପ୍ରତ୍ୟେକ ଅହେମଦୀ ଘରେ ଏହି ସବୁ ରୋଗରୁ ଉପଷମ ପାଇବା ପାଇଁ ଚେଷ୍ଟା କରିବା ଉଚିତ୍ ।

ଆଁ ହଜ୍‌ରତ୍ ସ:ଆ:ସ ମୋମିନ୍‌ମାନଙ୍କୁ ସଇତାନ୍ କବଳରୁ ରକ୍ଷା କରିବା ପାଇଁ ବହୁତ ଚିନ୍ତା କରୁଥିଲେ । ସେଥିଯୋଗୁଁ ଆପଣ ସ:ଆ:ସ ସାହାବାମାନଙ୍କୁ କିପରି ସଇତାନ୍‌ଠାରୁ ବଂଚିବା ପାଇଁ ଦୁଆ ଶିଖାଉଥିଲେ ଏବଂ ବହୁତ ସମ୍ପୂର୍ଣ୍ଣ ଦୁଆ ଶିଖାଉଥିଲେ ସେ ବିଷୟରେ ଜଣେ ସାହାବି କହୁଛନ୍ତି ଯେ ଆଁ ହଜ୍‌ରତ୍ ସ:ଆ:ସ ଆମକୁ ଏହି ଦୁଆ ଶିଖାଇଛନ୍ତି କି ''ହେ ଅଲ୍ଲାଃ ଆମ ହୃଦୟରେ ପ୍ରେମ ଭରି ଦିଅନ୍ତୁ । ଆମର ସଂସ୍କାର କରିଦିଅନ୍ତୁ ଏବଂ ଆମକୁ ଶାନ୍ତିମାର୍ଗରେ ପରିଚାଳିତ କରାନ୍ତୁ । ଆମକୁ ଅନ୍ଧକାରରୁ ମୁକ୍ତି ପ୍ରଦାନ କରି (ନୁର୍) ଆଲୋକ ଆଡ଼କୁ ନେଇଆସନ୍ତୁ । ଆମକୁ ବାହ୍ୟ ଓ ଆଭ୍ୟନ୍ତରୀଣ ଅଶ୍ଳୀଳତାରୁ ବଂଚାଅ ଏବଂ ଆମ ପାଇଁ ଆମ କାନରେ, ଆମ ଆଖିରେ, ଆମ ସ୍ତ୍ରୀଙ୍କଠାରେ ଏବଂ ଆମ ସନ୍ତାନମାନଙ୍କ ଭିତରେ (ବରକତ) ଆପଣଙ୍କ ଆଶୀର୍ବାଦ ପ୍ରଦାନ କରନ୍ତୁ ଏବଂ ଆମ ଉପରେ ଦୟା କରନ୍ତୁ । ବାସ୍ତବରେ ତୁମ୍ଭେ ହିଁ ତୋବା (ଅନୁତାପର) ଗ୍ରହଣକାରୀ ଓ ବାରମ୍ବାର ଦୟାଶୀଳ ଅଟ ଏବଂ ଆମକୁ ଆପଣଙ୍କ ଦୟାର ପ୍ରକୃତ ଧନ୍ୟବାଦ ଓ ତା'ର ଗୁଣ ଗାନ କରିବା ଓ ତାହାକୁ ସାଦରେ ଗ୍ରହଣ କରିବା ନିମନ୍ତେ ଶକ୍ତି ପ୍ରଦାନ କରନ୍ତୁ । ହେ ଅଲ୍ଲାଃ ଆମ ଉପରେ ତୁମ୍ଭର କରୁଣା ସମ୍ପୂର୍ଣ୍ଣ କରାନ୍ତୁ । **(ହଦିସ୍ ସୁନନ ଅବୁଦାଉଦ୍-୯୬୯)** ଏହି ଦୁଆ ସାଂସାରିକ ଖରାପ ମନୋରଞ୍ଜନକୁ ପ୍ରତିହତ କରିବ । ଏତଦ୍ ବ୍ୟତୀତ ସମସ୍ତ ପ୍ରକାରର ଅନାବଶ୍ୟକ କାର୍ଯ୍ୟରୁ ରହିତ କରିବ ଏବଂ ସଇତାନର ଆକ୍ରମଣରୁ ବଂଚାଇବ । ବର୍ତ୍ତମାନ ସମୟରେ ମଧ୍ୟ ଦୁନିଆରେ ମନୋରଞ୍ଜନ ନାମରେ ବହୁତ ଅଶ୍ଳୀଳତା ପ୍ରଦର୍ଶନ ହେଉଛି ଯେ ମଣିଷ କାନ ଓ ନାକ ପାଇଁ ବର୍କତର ଦୁଆ କରିବ ଯେବେ ସ୍ତ୍ରୀଙ୍କ ହକ୍ ଦେବା ପାଇଁ ଦୁଆ କରିବ । ଯେବେ ସନ୍ତାନମାନଙ୍କ ପାଇଁ ଦୁଆ କରିବ ତେବେ ଅଶ୍ଳୀଳତା ଏବଂ କୁ କର୍ମରୁ ଆପେ ଆପେ ଧ୍ୟାନ ଅପସରି ଯିବ ଏବଂ ଏହିପରି ଜଣେ ମୋମିନ୍ ପୁରା ଘରକୁ ସଇତାନ୍‌ଠାରୁ ବଂଚାଇବାର ମାଧ୍ୟମ ହୋଇଯିବ । ଯେଉଁ ଯୁଗରେ ଆମେ ଅଛେ, ଗୋଟିଏ ଦେଶର କଥା ନୁହେଁ ବରଂ ସମଗ୍ର ପୃଥିବୀର ଏହି ଅବସ୍ଥା । ମିଡ଼ିଆ ଆମ ସମସ୍ତଙ୍କୁ ଏକାଠି କରିଦେଇଛି । ଦୁର୍ଭାଗ୍ୟ ବସତଃ ପୁଣ୍ୟରେ ଏକତ୍ରିତ କରିବା ପରିବର୍ତ୍ତେ ସଇତାନ୍‌ର ପଦାଙ୍କ ଅନୁସରଣରେ ଅଧିକ ଏକତ୍ରିତ କରିଅଛି । ଏହିସବୁ ଅବସ୍ଥା ଦେଖି ଜଣେ ଅହେମଦୀକୁ ଅଧିକ ସତର୍କ ରହି ନିଜର ନିରୀକ୍ଷଣ କରିବା ଆବଶ୍ୟକ । ଅଲ୍ଲାଃତାଲା ଆମକୁ mta ପ୍ରଦାନ କରିଛନ୍ତି । ଅଲ୍ଲାଃତାଲା ଆମକୁ ଯମାତର ଆଧ୍ୟାତ୍ମିକ ଓ ଶିକ୍ଷା ବିଷୟକ ପ୍ରୋଗ୍ରାମ୍ ନିମନ୍ତେ ୱେବ୍‌ସାଇଟ୍ ମଧ୍ୟ ପ୍ରଦାନ କରିଛନ୍ତି । ଯଦି ଆମେ ଅଧିକରୁ ଅଧିକ ଏଥିପ୍ରତି ଧ୍ୟାନ ଦେବା ତା'ହେଲେ ଧ୍ୟାନ ଏଥିପ୍ରତି ରହିବ । ଯଦ୍ୱାରା ଆମେ ଅଲ୍ଲାଃତାଲାଙ୍କର ନିକଟତର ହୋଇପାରିବା ଏବଂ ସଇତାନଠାରୁ ବଂଚିପାରିବା ।

ମନୋରଞ୍ଜନ ପାଇଁ ଯଦି ଚ୍ୟାନେଲ୍‌ମାନ ଦେଖିବାକୁ ଅଛି, ତାହେଲେ ମା'ବାପା ଏଥିପ୍ରତି ସତର୍କ ରହିବା ଉଚିତ୍ ଓ ପିଲାମାନଙ୍କ ଉପରେ ତୀକ୍ଷ୍ଣ ଦୃଷ୍ଟି ଦେଇ ସେହି ପ୍ରୋଗ୍ରାମ୍ ଦେଖନ୍ତୁ ଯାହା ସଭ୍ୟ ଓ ମହତ୍ ଅଟେ । ଅଶ୍ଳୀଳ ଏବଂ ଖରାପ ପ୍ରୋଗ୍ରାମରୁ ବଂଚନ୍ତୁ । କାରଣ ଏହା କେବଳ ନିର୍ଲଜ୍ଜ, ଅସଭ୍ୟ ଓ ଖରାପ ଆଡ଼କୁ ଟାଣିନିଏ । ସେଆଡ଼କୁ ନେଇଯାଏ ଯେଉଁଠି ଅଲ୍ଲାଃତାଲା ଦୂରେଇ ଯାଇଥାଏ । ତେଣୁ ପ୍ରତ୍ୟେକ ଅହେମଦୀ ଘରେ ଧାର୍ଯ୍ୟ ହେବା ଉଚିତ୍ ଯେ ସେମାନେ ସମସ୍ତେ ମିଶି ସପ୍ତାହରେ ଖୁତ୍‌ବା ଯୁମା ନିଶ୍ଚିତ ଦେଖନ୍ତୁ । ଏହା ବ୍ୟତୀତ ପ୍ରତ୍ୟହ ଏକ ଘଂଟା mta ରେ ଅନ୍ୟ ପ୍ରୋଗ୍ରାମ୍ ମଧ୍ୟ ଦେଖନ୍ତୁ । ଯେଉଁ ଘରମାନଙ୍କରେ ଏହା ଉପରେ ଅମଳ କରାଯାଉଛି ସେଠି ଅଲ୍ଲାଃଙ୍କ ଦୟାରୁ ଦେଖାଯାଉଛି ଯେ ସେମାନେ ଧର୍ମ ପ୍ରତି ଆଗଭର ଅଛନ୍ତି । ଛୋଟ ବଡ଼ ସମସ୍ତେ ଧର୍ମ ଶିଖୁଛନ୍ତି । ଯିଏ ଏହା ଉପରେ ଅମଳ କରିବ ସେ ନିଶ୍ଚିତ ରୂପେ ଧର୍ମ ତତ୍ତ୍ୱର ଜ୍ଞାନ ଲାଭ କରିବ ଏବଂ ସଇତାନ୍‌ଠାରୁ ମଧ୍ୟ ଦୂରେଇ ଯିବ । ଅଲ୍ଲାଃତାଲାଙ୍କ ସାନିଧ୍ୟ ପାଇବା ପାଇଁ ଧ୍ୟାନ ଦେବ । ଏହା ଦ୍ୱାରା ଘରେ ଶାନ୍ତି ଆସିବ ଏବଂ ବର୍‌କତ୍ ମଧ୍ୟ ହେବ । ଯେପରି ଆଁ ହଜ୍‌ରତ୍ ସ:ଆ:ସ ଆମକୁ ଉକ୍ତ ଦୁଆରେ ଶିଖାଇଛନ୍ତି ।

ଜଣେ ମା ମୋତେ ଲେଖିଲେ ଯେ ମୋର ପୁଅ ୧୭ ବର୍ଷ ପର୍ଯ୍ୟନ୍ତ ଠିକ୍ ଥିଲା, ନମାଜ ଇତ୍ୟାଦି ପଢ଼ୁଥିଲା, ମଜ୍‌ଲିସ୍ କାମରେ ବ୍ୟସ୍ତ ରହୁଥିଲା କିନ୍ତୁ ଏବେ ବଡ଼ହେବା ପରେ ଟିକିଏ ସ୍ୱାଧୀନ ପାଇବା ପରେ ନିଜ ସାଙ୍ଗସାଥିଙ୍କ ସାଙ୍ଗରେ ପଡ଼ି ଧର୍ମଠାରୁ ସମ୍ପୂର୍ଣ୍ଣ ଦୁରେଇଯାଇଛି । ଏହା ଠିକ୍ ଯେ ଗୋଟିଏ ବୟସରେ ପହଂଚିଲା ପରେ ପିଲାମାନଙ୍କ ଉପରେ ପରିବେଶର ପ୍ରଭାବ ପଡ଼େ । କିନ୍ତୁ ଯଦି ମା'ବାପାଙ୍କର ପିଲାଙ୍କ ସହିତ ଉତ୍ତମ ବନ୍ଧୁତାର ସମ୍ପର୍କ ଥିବ, ଭଲମନ୍ଦର ପ୍ରଭେଦ ତାଙ୍କୁ ଶିଖାଯାଉଥିବ ତେବେ ଘରର ପରିବେଶକୁ ଧାର୍ମିକ କରିପାରିବେ । ଏବେ ମୁଁ ଯେପରି କହିଲି ଯେ ଅଲ୍ଲାତାଲା ସାଂସାରିକ ମନୋରଞ୍ଜନ ପାଇଁ ଯେପରି ମାଧ୍ୟମ ରଖିଛନ୍ତି ସେହିପରି ସେହି ସବୁ ଜିନିଷରେ ତରବିୟତ୍‌ର ସାମାନ ରଖିଛନ୍ତି । ଏହି ସବୁ ପ୍ରୋଗ୍ରାମ ଯଦି ପିଲାମାନଙ୍କ ସହିତ ଏକାଠି ଦେଖିବେ ଓ ତାର ସୁଲାଭ ଉଠାଇବେ ତେବେ ପିଲାମାନେ ଉପଲବ୍ଧ କରିବେ ଯେ ସେମାନଙ୍କର ମଧ୍ୟ ଘରେ ଗୁରୁତ୍ୱ ଅଛି । ତେବେ ସେମାନେ ଘର ଛାଡ଼ି ବାହାରକୁ ଯିବେ ନାହିଁ । ଅଶ୍ଳୀଳତାର ଶିକାର ହେବେନାହିଁ । ବାହାରେ ସେମାନେ ଶାନ୍ତି ନ ଖୋଜି ନିଜ ଘରେ ଶାନ୍ତି ପାଇବେ । ପୁଣି ମା' ବାପାଙ୍କର ଏହା ମଧ୍ୟ କର୍ତ୍ତବ୍ୟ ଯେ ପିଲାମାନଙ୍କୁ ମସ୍‌ଜିଦ୍ ସହିତ ସମ୍ପର୍କ କରାନ୍ତୁ । ଜେଲି ତନ୍‌ଜିମ୍ (ଖୁଦ୍ଦାମ, ଅତ୍‌ଫାଲ, ନାସ୍‌ରାତ୍ ଇତ୍ୟାଦି) ର ପ୍ରୋଗ୍ରାମ ସହିତ ଯୋଡ଼ି ଦିଅନ୍ତୁ ।

ଏଠାରେ ମୁଁ ଜେଲି ତନ୍‌ଜିମ୍ ଙ୍କୁ ମଧ୍ୟ କହିବି ତତ୍‌ସହିତ ଯମାତି ନିଜାମ୍‌କୁ ମଧ୍ୟ ଅଧିକନ୍ତୁ ଜେଲି ତନ୍‌ଜିମ୍‌ଙ୍କୁ ବିଶେଷ ଭାବରେ କହିବି କାରଣ ସେମାନେ ତାଙ୍କ ମେମ୍ବରମାନଙ୍କୁ ସମ୍ଭାଳିବେ । ପ୍ରତ୍ୟେକ ସ୍ୱତନ୍ତ୍ର ଗୋଷ୍ଠୀ ଅଟନ୍ତି ତେଣୁ ବହୁତ ସହଜରେ ସମ୍ଭାଳି ପାରିବେ । ଖୁଦ୍ଦାମ୍ ଖୁଦ୍ଦାମାନଙ୍କୁ ସମ୍ଭାଳିବାକୁ ହେବ, ଲଜ୍‌ନା ଲଜ୍‌ନାମାନଙ୍କୁ ସମ୍ଭାଳିବାକୁ ହେବ । ବିଶେଷ କରି ଅତ୍‌ଫାଲ୍ ଏବଂ ଯୁବ ଖଦାମଙ୍କୁ ସମ୍ଭାଳିବା ଜରୁରୀ ଅଟେ । ନାସ୍‌ରାତ୍ ଓ ଯୁବ ଲଜ୍‌ନାମାନଙ୍କୁ ମଧ୍ୟ ସମ୍ଭାଳିବା ଜରୁରୀ ଅଟେ । ଜେଲି ତନ୍‌ଜିମ୍‌ର ଏହା ବହୁତ ବଡ଼ ଜିମାଦାରି କି ସେମାନଙ୍କୁ ଯମାତ ସହିତ ସୁଦୃଢ଼ ସମ୍ପର୍କ କରାଇବେ । ଖୁଦ୍ଦାମ ନିଜର ଏପରି ଟିମ୍ ଗଢ଼ନ୍ତୁ ଯିଏ ଭିନ୍ନ ଭିନ୍ନ ସ୍ୱଭାବର ଲୋକଙ୍କୁ ଏବଂ ଯୁବକଙ୍କୁ ନିଜ ସହିତ ଯୋଡ଼ି ପାରିବ । କିନ୍ତୁ ଅଧିକାଂଶ ଯୁବତି ଝିଅମାନେ ଅଭିଯୋଗ କରୁଛନ୍ତି ଯେ ଲଜ୍‌ନାରେ ପନ୍ଦର ବର୍ଷରୁ ଅଧିକ ସମସ୍ତ ଝିଅ ସାମିଲ୍ ହେଉଛନ୍ତି । କେବଳ ଏହା ଗୋଟିଏ ତନ୍‌ଜିମ୍ ଅଟେ । କିଛି ବୟସ୍କ ସ୍ତ୍ରୀମାନେ ବିଶେଷ କରି ଯୁବତି ଓ୍ୱହଦାଦାର୍‌ମାନଙ୍କୁ ଏପରି ବ୍ୟବହାର ଦେଖାଉଛନ୍ତି ଯେ ସେମାନେ ଧର୍ମଠାରୁ ଦୂରେଇ ନ ଗଲେ ମଧ୍ୟ ମଜ୍‌ଲିସ୍‌ର ପ୍ରୋଗ୍ରାମ୍‌ଠାରୁ ଦୂରେଇ ଯାଉଛନ୍ତି । ତେଣୁ ଓ୍ୱହଦେଦାର୍‌ମାନଙ୍କୁ ନିଜର ବ୍ୟବହାର ଏପରି ରଖିବା ଉଚିତ୍ ଯେ ସେମାନଙ୍କୁ ସ୍ନେହର ସହିତ ଧର୍ମ ସାଙ୍ଗରେ ଯୋଡ଼ି ରଖନ୍ତୁ । ମସ୍‌ଜିଦ୍ ସହିତ ସମ୍ପର୍କ କରାନ୍ତୁ । ଯମାତ୍ ସହିତ ଯୋଡ଼ି ରଖନ୍ତୁ ନଚେତ୍ ସଇତାନ୍ ଅପେକ୍ଷାରେ ବସିଛି ଯେ କେଉଁଠି ଦୁର୍ବଳତା ସୃଷ୍ଟିହେବ, କେଉଁଠି କାହାକୁ ଓ୍ୱହଦାଦାରଙ୍କ ସହିତ ମତଭେଦ ସୃଷ୍ଟି ହେବ ଆଉ ମୁଁ ହମ୍‌ଲା କରି ତାଙ୍କୁ ନିଜ ନିୟନ୍ତ୍ରଣକୁ ନେଇଯିବି ।

ଆମେ ମସିହ୍ ମଉଦ୍ ଆ:ସଙ୍କୁ ଏଥିପାଇଁ ମାନିଛେ କି ଏ ଯୁଗରେ ମସିହ୍ ମଉଦଙ୍କ ଦ୍ୱାରା ସଇତାନ୍ ସହିତ ଶେଷ ଯୁଦ୍ଧ କରିବୁ । କିନ୍ତୁ ଯଦି ଆମେ ଆମ ଅମଳ ଦ୍ୱାରା ସଇତାନ୍‌କୁ ମୌକା ଦେବା ଯେ ଆମ ପିଲାଏ ଏବଂ ଯୁବଗୋଷ୍ଠୀଙ୍କୁ ଓ୍ୱହଦାଦାରଙ୍କ ଏପରି ବ୍ୟବହାର ପାଇଁ ସଇତାନ୍ ସହାନୁଭୂତି ଦେଖାଇ ନିଜ ନିୟନ୍ତ୍ରଣକୁ ନେଇଯିବ । ତେବେ ଏପରି ଓ୍ୱହଦାଦାରମାନେ, ସେ ସ୍ତ୍ରୀ ହୁଅନ୍ତୁ ବା ପୁରୁଷ ମସିହ୍ ମଉଦଙ୍କ ସାହାଯ୍ୟକାରୀ ନୁହନ୍ତି ପରନ୍ତୁ ସଇତାନ୍‌ର ସାହାଯ୍ୟକାରୀ ଅଟନ୍ତି । ତେଣୁ ପ୍ରତ୍ୟେକ ଓ୍ୱହଦାଦାରଙ୍କୁ ବିଶେଷରୂପେ ଏ ଚେଷ୍ଟା କରିବା ଉଚିତ୍ ଯେ ସେମାନେ ନିଜକୁ ଓ ଯମାତ୍‌ର ପ୍ରତ୍ୟେକ ସଦସ୍ୟଙ୍କୁ ମଧ୍ୟ ସଇତାନ୍‌ର

କବଳରୁ ବଂଚାଇପାରିବେ ।

ତେଣୁ ଅଲ୍ଲାଃତାଲା ଯେଉଁ ଫଜଲ୍ (ଦୟା) କରିଛନ୍ତି ତାକୁ ବୁଝିବାକୁ ହେବ । ଅଲ୍ଲାଃତାଲାଙ୍କୁ ରାଜି କରାଇବାକୁ ହେବ । ଏହିପରି ସମସ୍ତ ସାଧାରଣ ଜ୍ଞାନ ରଖିଥିବା ଅହେମଦୀ ଯୁବକ ଓ ଯୁବତୀଙ୍କୁ ଏହା ମନେ ରଖିବା ଉଚିତ ଯେ ତାଙ୍କ ଉପରେ ଅଲ୍ଲାଃତାଲା ଦୟାକରି ଆଶୀର୍ବାଦ କରିଛନ୍ତି ଯେ ସେମାନଙ୍କୁ ଅହେମଦୀୟତ୍ ପ୍ରଦାନ କରି ଅହେମଦୀଙ୍କ ଘରେ ଜନ୍ମ ଦେଇଛନ୍ତି । ମସିହ୍ ମଉଦ୍‌ଙ୍କୁ ମାନିବା ପାଇଁ ଶକ୍ତି ଦେଇଛନ୍ତି ଯାହାଙ୍କ ଆସିବା ଖବର ଆଁ ହଜରତ୍ ସ:ଆ:ସ ଦେଇଥିଲେ । ଯିଏ ଏ ଯୁଗରେ ସଇତାନଙ୍କୁ ପରାସ୍ତ କରିବେ । ତେଣୁ ସେମାନେ ତାଙ୍କଠାରୁ ବୟସ୍କ ଓ୍ୱାଦାଦାରମାନଙ୍କ ଆଚରଣ ଦେଖି ଧର୍ମଠାରୁ ଦୂରେଇ ନଯାଇ ବରଂ ସଇତାନକୁ ପରାସ୍ତ କରିବା ପାଇଁ ମସିହ୍ ମଉଦ୍‌ଙ୍କର ସାହାଯ୍ୟକାରୀ ହେବା ଉଚିତ୍ ଏବଂ ଏଥିପାଇଁ ଅଲ୍ଲାଃତାଲାଙ୍କ ନିକଟରେ ପ୍ରାର୍ଥନା କରିବା ଉଚିତ୍ । ଅଲ୍ଲାଃତାଲା କହୁଛନ୍ତି ମୁଁ (ସମିଈ) ବହୁତ ଶୁଣିବା ବାଲା ଓ (ଅଲିମ୍) ବହୁତ ଜାଣିବା ବାଲା ଅଟେ । ମୁଁ ଜାଣିଛି ତୁମେ ସଇତାନ୍‌ର ଆକ୍ରମଣକୁ କେତେ ଡ଼ରୁଛ । ଜାଣିଛି ଯେ ତୁମେ ତା'ଠାରୁ ବଂଚିବା ପାଇଁ ଚେଷ୍ଟା ଓ ପ୍ରାର୍ଥନା କରୁଛ । ତେଣୁ ମୁଁ ତୁମର ପ୍ରାର୍ଥନାକୁ ଶୁଣିବି । ତୁମେ ପ୍ରାର୍ଥନା କର । ଏପରି ପରିବେଶରୁ ମଧ୍ୟ ଦୂରେଇ ରହ ଯିଏ ବେଳେବେଳେ (ନକାରାତ୍ମକ) ଭାବନା ସୃଷ୍ଟି କରାଇଥାଏ । ଏହି ଦୁଆ ସହିତ ନିଜକୁ ଏପରି ମାହୋଲରୁ ବଂଚାଅ, ଯେଉଁ ମାହୋଲରେ ମଣିଷ ସଇତାନ୍‌ର ପ୍ରଲୋଭନରେ ଆସିଥାଏ । ପ୍ରାର୍ଥନା କର କି ତୁମେ ସଇତାନ୍‌ର ପ୍ରଲୋଭନରୁ ସର୍ବଦା ସୁରକ୍ଷିତ ରହିବ । ଅଲ୍ଲାଃତାଲା କହୁଛନ୍ତି ସତ୍ ଉଦ୍ଦେଶ୍ୟ ଦ୍ୱାରା କରାଯାଇଥିବା ଚେଷ୍ଟା ଓ ପ୍ରାର୍ଥନା ଅଲ୍ଲାଃତାଲାଙ୍କ ନିକଟରେ ଗ୍ରହଣ ହେବ ଏବଂ ସଇତାନ୍‌ଠାରୁ ତୁମେ ସୁରକ୍ଷିତ ରହିବ । ବିଶେଷ କରି ସେମାନେ ଯାହାଙ୍କ ଉପରେ ଧର୍ମ ସେବାର ଦାୟିତ୍ୱ ନ୍ୟସ୍ତ କରାଯାଇଛି ଓ ଯମାତର ସଦସ୍ୟମାନଙ୍କୁ ପଥ ପ୍ରଦର୍ଶନ ଓ ତରବିୟତ୍ କରିବା ପାଇଁ ଯାହାଙ୍କୁ ଦାୟିତ୍ୱ ଦିଆଯାଇଛି, ସେମାନଙ୍କୁ ନିଜର ବାକ୍ୟ ଓ କାର୍ଯ୍ୟଗୁଡ଼ିକୁ ଅଲ୍ଲାଃଙ୍କୁ ରାଜି କରାଇବା ଉଦ୍ଦେଶ୍ୟରେ ବ୍ୟବହାର କରିବାକୁ ହେବ । ଅଲ୍ଲାଃତାଲାଙ୍କ ନିକଟରେ ପ୍ରାର୍ଥନା କରନ୍ତୁ କି ଅଲ୍ଲାଃତାଲା ସେମାନଙ୍କ ଯୋଗୁଁ କାହାକୁ ସଇତାନର ଜାଲରେ ପଡ଼ିବାକୁ ନ ଦିଅନ୍ତୁ । ବରଂ କୌଣସି ପରିସ୍ଥିତିରେ ମଧ୍ୟ କୌଣସି ଅହେମଦୀ ସଇତାନର ପଦାଙ୍କ ଅନୁସରଣ ନ କରନ୍ତୁ । ଅଲ୍ଲାଃତାଲା କହୁଛନ୍ତି ଏହିପରି ନିଷ୍ପାପର ଦୁଆକୁ ମୁଁ ଶୁଣିବି ଏବଂ ତୁମର ଓ ସେମାନଙ୍କର ପଥ ପ୍ରଦର୍ଶନ କରିଚାଲିବି, ଯାହାଙ୍କ ଉପରେ ସଇତାନ ଆକ୍ରମଣ କରିଥାଏ । ଫଳତଃ ତୁମେ ସେହି ଆକ୍ରମଣରୁ ବଂଚିପାରିବ ନଚେତ୍ ଅଲ୍ଲାତାଲାଙ୍କର ସାହାଯ୍ୟ ଏବଂ ତା' ସାମନାରେ ନତମସ୍ତକ ହେବା ବିନା ସଇତାନର ଆକ୍ରମଣରୁ ବଂଚିବା ଅସମ୍ଭବ ଅଟେ । ତେଣୁ ଅଲ୍ଲାଃତାଲାଙ୍କର ସାହାଯ୍ୟ ଭିକ୍ଷା କର ।

ଯେପରି ମୁଁ କହିସାରିଛି କି ସଇତାନ୍ ତ ଅଲ୍ଲାଃତାଲାଙ୍କୁ କହିଥିଲା ଯେ ଯଦି ତୁ ମୋତେ ବଳ ପ୍ରୟୋଗ କରି ପ୍ରତିହତ ନକରୁ ଏବଂ ମତେ ଢ଼ିଲା ଛାଡୁ ତା'ହେଲେ ମୁଁ ଲୋକଙ୍କୁ ପ୍ରଲୋଭିତ କରିବି ଏବଂ ଏଥିପାଇଁ ପୁରାପୁରି ଚେଷ୍ଟା କରିବି । ଏହି ଚେଷ୍ଟାରେ ସଇତାନ କେଉଁ ପର୍ଯ୍ୟନ୍ତ ଯାଉଛି ? ଜଣେ ସାଧାରଣ ମୋମିନ୍ କଥା ତ ଗୋଟିଏ ପଟେ ସଇତାନ୍ ତ ଅଲ୍ଲାଃତାଲାଙ୍କ ଓ୍ୱଲିମାନଙ୍କୁ ମଧ୍ୟ କାବୁ କରିବା ପାଇଁ ଶେଷ ସମୟ ପର୍ଯ୍ୟନ୍ତ ଚେଷ୍ଟା ଚଳାଇଥାଏ । ତା'ର ଏପରି ଚେଷ୍ଟା ହୋଇଥାଏ ଯେ ଜଣେ ମରୁଥିବା ସମୟରେ ଏପରି କାର୍ଯ୍ୟ କରିଦେଉ ଯାହାଦ୍ୱାରା ସେ ମୋ ଜାଲରେ ପଡ଼ିଯିବ ।

ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ସଭାରେ ଜଣେ ଲୋକ ଗୋଟିଏ ସ୍ୱପ୍ନ ବିଷୟରେ ପଚାରିଲେ । ହଜରତ୍ ମସିହ୍ ମଉଦ୍ ଆ:ସ ସ୍ୱପ୍ନ ଶୁଣିକରି କହିଲେ ଯେ ଏହି ସ୍ୱପ୍ନ ଗୋଟିଏ ବିସ୍ମୟକର ସ୍ଥିତିରେ ଶେଷ ହୋଇଛି । ସଇତାନ୍ ମଣିଷକୁ ବିଭିନ୍ନ ପ୍ରକାରର ଉଦାହରଣ ଦେଇ ଧୋକା ଦେବାକୁ ଋହିଁଥାଏ । କିନ୍ତୁ ଜଣାପଡୁଛି ଯେ ତୁମର ଫଳ ଭଲ ହେବ । କାରଣ ଏହି ସ୍ୱପ୍ନର ଶେଷ ବହୁତ ଭଲ ଜଣାପଡୁଛି । ଯେଉଁ ବ୍ୟକ୍ତି ସ୍ୱପ୍ନ ଶୁଣାଉଥିଲେ ତାଙ୍କ ସ୍ୱପ୍ନରୁ ଯାହା ଜଣା ପଡ଼ିଲା ପରିଶେଷରେ ସେ ସଇତାନର କବଳରୁ ବଂଚିଗଲେ । ସଇତାନ୍ ପ୍ରଲୋଭିତ କରିଥିଲା । ପୁଣି ହଜରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ବହୁତ ସମୟ ଏପରି ହୋଇଥାଏ ଯେ ସଇତାନ୍‌ର ଆକ୍ରମଣରୁ ଯଦି ମନୁଷ୍ୟ ବଂଚିବା ପାଇଁ ଚେଷ୍ଟା କରେ ତା'ହେଲେ ବଂଚିଯାଇଥାଏ ବା ଅଲ୍ଲାଃତାଲାଙ୍କର ଦୟା ହୋଇଥାଏ । ପୁଣି କହିଲେ ଯେ ଯେତେବେଳେ ତାଙ୍କ ମୃତ୍ୟୁ ହେଲା ସେତେବେଳେ ତାଙ୍କର ଶେଷ ବାକ୍ୟ ଥିଲା **''ଏବେ ନୁହେଁ ଏବେ ନୁହେଁ''** ତାଙ୍କ ପାଖରେ ଥିବା ଶିଷ୍ୟ ଏ କଥା ଶୁଣି ଆଚମ୍ବିତ ହେଲା ଏବଂ ତାଙ୍କର ମୃତ୍ୟୁ ପରେ ଶିଷ୍ୟଟି କାନ୍ଦି କାନ୍ଦି ପ୍ରାର୍ଥନା କଲା ଯେ ଓ୍ୱଲିଅଲ୍ଲାଃ ଜଣଙ୍କ ମୃତ୍ୟୁ ସମୟରେ ଯେଉଁ ବାକ୍ୟ କହୁଥିଲେ **''ଏବେ ନୁହେଁ ଏବେ ନୁହେଁ''** ତାର ଅର୍ଥ କଣ ? ଯାହାହେଉ ଦିନେ ସ୍ୱପ୍ନରେ ଓ୍ୱଲିଅଲ୍ଲାଙ୍କ ସହ ଦେଖାହେଲା । ଶିଷ୍ୟ ଜଣକ ଉକ୍ତ ଶବ୍ଦର ଅର୍ଥ ପଚାରିବାରୁ ଓ୍ୱଲିଅଲ୍ଲାଃ ଉତ୍ତର ଦେଇ କହିଲେ ଯେ ସଇତାନ ପ୍ରତ୍ୟେକ ମଣିଷର ମୃତ୍ୟୁ ସମୟରେ ଆସି ଆକ୍ରମଣ କରିଥାଏ ତ ସେମାନଙ୍କର ଇମାନ୍‌ର ଜ୍ୟୋତିକୁ ଶେଷ ସମୟରେ ଛଡ଼େଇ ନେବା ପାଇଁ ଚେଷ୍ଟା କରେ । ତେଣୁ ସେ ମୋ ପାଖକୁ ମଧ୍ୟ ଆସିଥିଲା ଏବଂ ମତେ ଧର୍ମରୁ ଫେରାଇଦେବା ପାଇଁ ଚେଷ୍ଟା କଲା । ଯେତେବେଳେ ମୁଁ ତା ଫାସରେ ନ ପଡିଲି ସେତେବେଳେ ସେ କହିଲା ଯେ ତୁ ମୋ ହାତରୁ ବଂଚିଗଲୁ । ତେଣୁ ମୁଁ ସେତେବେଳେ କହିଲି **'ଏବେ ନୁହେଁ ଏବେ ନୁହେଁ'** । ଅର୍ଥାତ୍ ଯେ ପର୍ଯ୍ୟନ୍ତ ମୁଁ ମରି ନ ଯାଇଛି ସେ ପର୍ଯ୍ୟନ୍ତ ତୋଠାରୁ ବଂଚିବା ବିଶ୍ୱାସ କରିପାରିବି ନାହିଁ । ***(ମଲଫୁଜାତ୍ ଖଣ୍ଡ-୫, ପୃଷ୍ଠା-୩୦୬)***

ନିଶ୍ଚିତ ରୂପେ ତୁ ପ୍ରଲୋଭନ ଦେଖାଉଛୁ ଏବଂ ମୁଁ ବଂଚି ବଂଚି ଚାଲିଛି କିନ୍ତୁ ଯେଉଁ ପର୍ଯ୍ୟନ୍ତ ଜୀବନ ଅଛି ସେ ପର୍ଯ୍ୟନ୍ତ ତୁ ପ୍ରଲୋଭିତ କରି ଚାଲିଥିବୁ ତେଣୁ ଯେପର୍ଯ୍ୟନ୍ତ ମୋ ପ୍ରାଣବାୟୁ ଉଡ଼ି ନଯାଇଛି ସେ ପର୍ଯ୍ୟନ୍ତ ମୁଁ ଏହା କହି ପାରିବି ନାହିଁ ଯେ ମୁଁ ତୋଠାରୁ ବଂଚିଗଲି ବୋଲି ।

ତେଣୁ ଏହା ହେଉଛି ଅଓଲିଆ ଅଲ୍ଲାଃଙ୍କ ଆଦର୍ଶ ଯାହାର ଦୃଷ୍ଟାନ୍ତ ସେ ଆମ ପାଇଁ ରଖିଯାଇଛନ୍ତି । ସଇତାନ୍‌ର ତ ଏ ଚେଷ୍ଟା ଯେ ସେ କିପରି ଓ୍ୱଲିଅଲ୍ଲାଃଙ୍କୁ ମଧ୍ୟ ଶେଷ ସମୟରେ ବିପଥଗାମୀ କରାଇ ନର୍କରେ ପକାଇଦେବ । ତେଣୁ ଜଣେ ମୋମିନ୍‌ଙ୍କ ପାଇଁ ବହୁତ ଭୟର ବିଷୟ । ଗୋଟିଏ ସାଧାରଣ ଲୋକର ଟିକିଏ ଅବହେଳା ତାକୁ ସଇତାନ୍‌ର ଆୟତକୁ ନେଇଯିବ । ତେଣୁ ସେଥିପାଇଁ ସର୍ବଦା ତୌବା ଓ ଇସ୍‌ତେଗ୍‌ଫାର୍ କରିବା ଉଚିତ୍ । ପୁଣି ସଇତାନ୍‌ର ମଣିଷ ଉପରେ ଆକ୍ରମଣ ଚେଷ୍ଟା ବିଷୟରେ ଗୋଟିଏ ସ୍ଥାନରେ ହଜରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ।

''ସଇତାନ୍ ମଣିଷକୁ ବିପଥଗାମୀ କରାଇବା ପାଇଁ ଏବଂ ତାର ସୁ କାର୍ଯ୍ୟକୁ କୁ କାର୍ଯ୍ୟରେ ପରିଣତ କରାଇବା ପାଇଁ ସର୍ବଦା ସୁଯୋଗର ଅପେକ୍ଷାରେ ଥାଏ । ଏପରିକି ପୁଣ୍ୟ କାର୍ଯ୍ୟରେ ମଧ୍ୟ ତାକୁ ପଥଭ୍ରଷ୍ଟ କରାଇଥାଏ ଏବଂ କୌଣସି ନା କୌଣସି ଫିସାଦି କରିବା ପାଇଁ ଆଳ ଖୋଜୁଥାଏ'', କିପରି ? ଉଦହରଣ ସ୍ୱରୂପ ନମାଜ ପଢୁଥାଏ ତ ସେଥିରେ ନିଜକୁ ପ୍ରଦର୍ଶିତ କରାଇବା ଇତ୍ୟାଦି ଫିସାଦିର ମଞ୍ଜି ବୁଣିଥାଏ'' ମଣିଷ ନମାଜ ପଢୁଛି ଏହା ପୁଣ୍ୟ କାର୍ଯ୍ୟ କିନ୍ତୁ ସଇତାନ ତା ମନରେ କୌଣସି ନା କୌଣସି ଦେଖେଇ ହେବାର ଆଳ ରଖିଥାଏ । ଯାହାଦ୍ୱାରା ନମାଜରେ ନିଷ୍ପାପରତା ରହେ ନାହିଁ । ପୁଣି କହିଲେ ଯେ ''ଜଣେ ଇମାମତ୍ (ନମାଜ ପଢ଼ାଇବା ବ୍ୟକ୍ତି) କରିବା ବ୍ୟକ୍ତିଙ୍କୁ ମଧ୍ୟ ଉପରୋକ୍ତ ଅସୁବିଧାର ଶିକାର କରାଇଥାଏ । ତେଣୁ ତାର ଆକ୍ରମଣରୁ କଦାପି ନିଡ଼ର୍ ରହିବା ଉଚିତ୍ ନୁହେଁ । କାରଣ ତା'ର ଆକ୍ରମଣ ଅପରାଧି ଓ ପାପିମାନଙ୍କ ଉପରେ ତ ଖୋଲାଖୋଲି ରୂପେ ହୋଇଥାଏ ।'' ଯେଉଁପାମେ ପାପି ଓ ଅପରାଧି ଏବଂ ସଂସାରରେ ବୁଡି ରହିଥାନ୍ତି, ବିଗିଡ଼ି ଯାଇଛନ୍ତି, ବିଧର୍ମୀ ହୋଇଛନ୍ତି ତାଙ୍କ ଉପରେ ଖୋଲାଖୋଲି ଭାବେ ଆକ୍ରମଣ ହୋଇଥାଏ । ସେମାନେ ତ ତା'ର (ସଇତାନର) ଶିକାର ଅଟନ୍ତି । କିନ୍ତୁ ପୁଣ୍ୟବାନ ବ୍ୟକ୍ତିଙ୍କୁ ମଧ୍ୟ ସେ ଆକ୍ରମଣ କରିବାରେ ପଛାଏ ନାହିଁ । କୌଣସି ନା କୌଣସି ମଉକା ଦେଖି ଆକ୍ରମଣ କରିଥାଏ । ପୁଣି କହିଲେ ଯେ ଯେଉଁମାନେ ଅଲ୍ଲାଃଙ୍କ ଆଶୀର୍ବାଦର ଛତ୍ର ଛାୟାରେ ଅଛନ୍ତି ଏବଂ ସଇତାନର କ୍ଷୁଦ୍ରରୁ କ୍ଷୁଦ୍ରତମ ବଦମାସିକୁ ଜାଣିଛନ୍ତି ସେମାନେ ବଂଚିବା ପାଇଁ ଅଲ୍ଲାଃଙ୍କ ନିକଟରେ ପ୍ରାର୍ଥନା କରିଥାନ୍ତି । କିନ୍ତୁ ଯେଉଁମାନେ ଅନଭିଜ୍ଞ ଓ ଦୁର୍ବଳ ଅଟନ୍ତି ସେମାନେ ବେଳେବେଳେ ପାଲରେ ପଡ଼ିଯାଆନ୍ତି । ***(ମଲଫୁଜାତ୍ ଖଣ୍ଡ-୬, ପୃଷ୍ଠା-୪୨୬)*** ତେଣୁ ମୋମିନ୍‌ଙ୍କୁ ସର୍ବଦା ଅଲ୍ଲାଃତାଲାଙ୍କ ନିକଟରେ ପ୍ରାର୍ଥନା ଓ ଇସ୍‌ତେଗ୍‌ଫାର୍ କରିବା ଉଚିତ୍ ଯେ ସେ ଆମକୁ ସର୍ବଦା ସଇତାନର ପ୍ରତ୍ୟେକ ପ୍ରଲୋଭନରୁ ବଂଚାନ୍ତୁ ।

ହଜରତ୍ ମସିହ୍ ମଉଦ୍ ଆ:ସ ଇସ୍ତେଗଫାର୍‌ର ଧ୍ୟାନ ଆକର୍ଷଣ କରି ଗୋଟିଏ ସ୍ଥାନରେ କହୁଛନ୍ତି ଯେ- ଅଲ୍ଲାଃତାଲା ସବୁବେଳେ ପାଇଁ ଇସ୍ତେଗଫାରକୁ ନିଶ୍ଚିତ କରିଛନ୍ତି ଯେ ମଣିଷ ପ୍ରତ୍ୟେକ ପାପ ପାଇଁ ସେ ବାହ୍ୟ ହେଉ ବା ଆଭ୍ୟନ୍ତରୀଣ (ପାପ) ହେଉ । ସେ ଜାଣିଥାଉ ବା ନ ଜାଣିଥାଉ ଏବଂ ହାତ, ଗୋଡ଼, ଜିଭ, କାନ ଓ ନାକ ଏବଂ ପ୍ରତ୍ୟେକ ପ୍ରକାରର ପାପ ପାଇଁ ସେ ଇସ୍ତେଗ୍‌ଫାର୍ (ଅଲ୍ଲାଃଙ୍କ ଶରଣ ଭିକ୍ଷା) କରି ଚାଲୁ । ପୁଣି କହିଲେ ଯେ ଆଜିକାଲି ହଜ୍‌ରତ୍ ଆଦମ୍ ଆ:ସଙ୍କ ଦୁଆ ପଢ଼ିବା ଉଚିତ୍ । ସେ ଦୁଆ କଣ ?

**ରବ୍ବନା ଜଲମ୍‌ନା ଅନ୍‌ଫୁସନା ଓ୍ୱ ଇଲଲମ୍ ତଗଫିରଲନା ଓ୍ୱ ତରହମ୍‌ନା ଲନକୁନନ୍ନା ମେନଲ୍ ଖାସେରିନ୍ (ସୁରା ଆଲ୍‌ଆରାଫ୍:୨୪) (ମଲ୍‌ଫୁଜାତ ଖଣ୍ଡ-୪, ପୃଷ୍ଠା-୨୭୫)** ଅର୍ଥାତ୍:- ''ହେ ଆମର ପାଳନକର୍ତ୍ତା ! ଆମେ ନିଜେ ନିଜ ଉପରେ ଅତ୍ୟାଚର କରିଅଛୁ ଏବଂ ଯଦି ତୁମ୍ଭେ ଆମମାନଙ୍କୁ କ୍ଷମା ନ କରିବ ଓ ଆମମାନଙ୍କ ପ୍ରତି କରୁଣା ନ କରିବ ତେବେ ଆମେମାନେ କ୍ଷତିଗ୍ରସ୍ତମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହେବୁ'' ।

ପୁଣି ଗୋଟିଏ ଯାଗାରେ ଉପଦେଶ ଦେଇ କହୁଛନ୍ତି କି - ''(ହେ ମୋର) ଅତିପ୍ରିୟ (ଲୋକମାନେ) ! ଅଲ୍ଲାଃତାଲାଙ୍କ ଆଦେଶ ଗୁଡ଼ିକୁ ନିଜ ଆଖିରେ ଦେଖନାହିଁ । ବର୍ତ୍ତମାନ ସମୟର ଦାର୍ଶନିକ ଚିନ୍ତାଧାରାର ବିଷ ତୁମ ଉପରେ କୌଣସି ପ୍ରଭାବ ନ ପକାଉ ।

ଗୋଟିଏ ପିଲା ଭଳି ହୋଇ ତାର ଆଦେଶ ଗୁଡ଼ିକୁ ପାଳନ କର । ନମାଜ ପଢ଼, ନମାଜ ପଢ଼ନ୍ତୁ କାରଣ ଏହା ସବୁ ଶକ୍ତିର ଋବିକାଠି ଏବଂ ଯେବେ ତୁମେ ନମାଜ ପଢ଼ିବା ପାଇଁ ଛିଡ଼ାହୁଅ, ଏପରି ନ ହେଉ କି ତୁମେ ଯେପରି ଗୋଟିଏ ପ୍ରଥା ପାଳନ କରୁଛ । ଅଧିକନ୍ତୁ ନମାଜ ପୂର୍ବରୁ ଯେପରି ବାହ୍ୟ ଓ୍ୱଜୁ କରୁଅଛ ସେହିପରି ଆଭ୍ୟନ୍ତରୀଣ ଓ୍ୱଜୁ (ମନକୁ ସଫା କରିବା) ମଧ୍ୟ କର ଏବଂ ନିଜର (ଆଭ୍ୟନ୍ତରୀଣ) ଅଙ୍ଗଗୁଡ଼ିକୁ ଅନେକେଶ୍ୱର ଉପାସନାର ଧାରଣାରୁ ଧୋଇ ରଖ । ଯେପରି ଆମେ ନିଜର ବାହ୍ୟ ଅଙ୍ଗଗୁଡ଼ିକୁ ପାଣିଦ୍ୱାରା ଧୋଇ ଦେଉଛେ ସେହିପରି ନିଜର ହୃଦୟକୁ, ନିଜର ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକୁ ମଧ୍ୟ ଅଲ୍ଲାହ୍‌ଙ୍କ ବ୍ୟତିତ ଅନ୍ୟ ସମସ୍ତ ପ୍ରଭୁଙ୍କଠାରୁ ଧୋଇ ଦିଅ । ଏହି ପ୍ରକାର ଦୁଇ ଦୁଇଟି ଓ୍ୱଜୁ ସହିତ ଛିଡ଼ାହୁଅ ଏବଂ ନମାଜରେ ବହୁତ ଦୁଆ କର କାନ୍ଦିବା, ପ୍ରାର୍ଥନା ଓ ନିବେଦନକୁ ଅଭ୍ୟାସରେ ପରିଣତ କର ଯଦ୍ୱାରା ତୁମ ସହିତ ଦୟା ଆଚରଣ କରାଯିବ । ସତ କୁହ କୌଣସି ପ୍ରକାରର ପରିସ୍ଥିତିରେ ମଧ୍ୟ ମିଛି କୁହନାହିଁ । କାରଣ ଅଲ୍ଲାହ୍‌ ତୁମକୁ ଦେଖୁଛନ୍ତି । ପ୍ରତ୍ୟେକ କ୍ଷେତ୍ରରେ ମନେ ରଖିବା ଉଚିତ୍ ଯେ ଅଲ୍ଲାହ୍‌ତାଲା ମତେ ଦେଖୁଛନ୍ତି । ସେ ତୁମକୁ ଦେଖୁଅଛି ଯେ ତୁମର ହୃଦୟ କିପରି । କ'ଣ ମଣିଷ ଅଲ୍ଲାହ୍‌ଙ୍କୁ ଠକି ଦେଇପାରିବ ? ବା ତା ସମ୍ମୁଖରେ ଧୋକା ଦେଇ ପାରିବ ? ସେ ବ୍ୟକ୍ତି ହତଭଗା ଅଟେ ଯିଏ ଅପ କର୍ମରେ ଏତେ ତଳକୁ ଖସି ଯାଇଥାଏ ଯେମିତି କି ଅଲ୍ଲାହ୍‌ ନାହାନ୍ତି । ସେତେବେଳେ ଖୁବ୍ ଶିଘ୍ର ତାର ବିନାଶ କରାଯାଇଥାଏ ଏବଂ ଅଲ୍ଲାହ୍‌ତାଲା ତାର କୌଣସି ପରବାଏ କରେନାହିଁ । ପୁଣି କହିଲେ ଯେ ହେ ପ୍ରିୟଜନମାନେ ! ଏହି ସଂସାରର ଏକମାତ୍ର ମନ୍ତିକ୍ (ତର୍କଶାସ୍ତ୍ର) ଏହା ଏକ ସଇତାନ୍ ଅଟେ ଏବଂ ଏ ସଂସାରର ଦର୍ଶନଶାସ୍ତ୍ର ଏକ ଇବ୍‌ଲିସ୍ ଅଟେ । କେବଳ ତର୍କ ଓ କାରଣ ଖୋଜିବା ଏ ଯେଉଁ ଜିନିଷ ଅଛି ଏହାସବୁ ସଇତାନି ପ୍ରଣଦିତ । କେବଳ ଏତିକିରେ ଶେଷ ନୁହେଁ, ଅଲ୍ଲାହ୍‌ତାଲାକୁ ମଧ୍ୟ ଖୋଜିବାକୁ ହେବ । ତେଣୁ ଉପରୋକ୍ତ ଦୁଇଟି (ତର୍କ ଓ ଦର୍ଶନ) ର ଅନୁକରଣ କଲେ ତୁମ ବିଶ୍ୱାସର ପ୍ରକାଶ ଅବନତି ହେବା ସହିତ ତୁମର ଅହଂଭାବ ବଢ଼ିଯିବ ଏବଂ ତାହା ତୁମକୁ ପାଖାପାଖି ନାସ୍ତିକର ଦ୍ୱାର ଦେଶରେ ନେଇ ପହଂଚାଇ ଦେବ । ତେଣୁ ତୁମେ ନିଜକୁ ଏଥିରୁ ରକ୍ଷାକର ଏବଂ ଏଭଳି ହୃଦୟ ସୃଷ୍ଟିକର ଯାହା ଭିକ୍ଷୁକ ଓ ନରମ ସ୍ୱଭାବର ହୋଇଥିବ । କୌଣସି ପ୍ରକାରର ପ୍ରଶ୍ନ ନ କରି ଅଲ୍ଲାହ୍‌ଙ୍କ ଆଦେଶ ପାଳନ କରିଚାଲ ଯେପରି ଏକ ଶିଶୁ ନିଜ ମା'ର କଥା ମାନିଥାଏ । ମନେରଖ ପବିତ୍ର କୋରାନ୍‌ର ଶିକ୍ଷା ଧର୍ମପରାୟଣତାର ସର୍ବୋଚ୍ଚ ସ୍ତରରେ ପହଂଚାଇଥାଏ । ସେଥିପ୍ରତି ଧ୍ୟାନ ଦିଅ ଏବଂ ତା'ମୁତାବକ ନିଜକୁ ପ୍ରସ୍ତୁତ କର । *(ଅଜାଲା ଏ ଅଓହାମ୍, ରୂହାନି ଖଜାଏନ୍, ଖଣ୍ଡ-୩, ପୃଷ୍ଠା-୫୪୯)* ଅଲ୍ଲାହ୍‌ କରନ୍ତୁ କି ଆମେ ସଇତାନର କବଳରୁ ନିଜକୁ ରକ୍ଷା କରିବା ସହିତ ଅଲ୍ଲାହ୍‌ଙ୍କ ସାହାଯ୍ୟ ଓ ଶରଣ ଭିକ୍ଷାକାରୀ ହେଉ । ପବିତ୍ର କୋରାନର ଶିକ୍ଷା ମୁତାବକ ଅମଳ କରିବା ସହ ଅଲ୍ଲାହ୍‌ଙ୍କ କୃତଜ୍ଞ ହେବା କାରଣ ସେ ଆମମାନଙ୍କୁ ନିଜ ପ୍ରିୟ (ହଜରତ୍ ମସିହ୍ ମଉଦ ଆ:ସ)ଙ୍କୁ ସ୍ୱୀକାର କରିବାର ଶକ୍ତି ପ୍ରଦାନ କରିଛନ୍ତି । ଯିଏ ସଇତାନ୍‌କୁ ପରାସ୍ତ କରିବେ । ଅଲ୍ଲାହ୍‌ତାଲା ଆମକୁ ହଜରତ୍ ମସିହ୍ ମଉଦ୍ ଆ:ସ ଙ୍କ ସହିତ କରିଥିବା ବୟତ (ଦୀକ୍ଷା) ର ପ୍ରତିଶୃତି ପୁରଣ କରିବାର ଶକ୍ତି ପ୍ରଦାନ କରିବା ସହ ସଇତାନ୍‌ର ପ୍ରତ୍ୟେକ ଆକ୍ରମଣକୁ ବ୍ୟର୍ଥ କରିବାର ଶକ୍ତି ପ୍ରଦାନ କରନ୍ତୁ ।

## କର୍ମରେ ସୁଧାର ଆଣିବା ପାଇଁ ହୁଜୁର ଅ.ବିଙ୍କ ୨୦ଗୋଟି ମହତ ବାଣୀ

**୧. ସାମୂହିକ ନମାଜ ପାଠ** : ପ୍ରତ୍ୟେକ ଅହମଦୀ ମସଜିଦ ବା ନମାଜ ସେଂଟରରେ ସାମୂହିକ ନମାଜ ପଢିବାର ଯୋଗାଡ଼ କରନ୍ତୁ । ଓହଦେଦାରମାନେ ନିଜର ଭଲ ଆଦର୍ଶ ଦେଖାନ୍ତୁ । ନିଜ ପିଲାମାନଙ୍କୁ ମଧ୍ୟ ନମାଜ ପାଇଁ ସାଙ୍ଗରେ ନେଇ ଆସନ୍ତୁ ।

**୨. ହୁଜୁର ଅନ୍‌ଓ୍ୱର ଅ.ବିଙ୍କ ଖୁତବା ଜୁମା** : ମସଜିଦ ବା ନମାଜ ସେଂଟରରେ ଏକତ୍ରିତ ହୋଇ ହୁଜୁର ଅ.ବିଙ୍କ Live ଖୁତବା ଜୁମା ଶୁଣନ୍ତୁ ।

**୩.ଦରସ୍** : ନମାଜ ଫଜର ପରେ ଦରସୁଲ୍ କୋରାନ ଏବଂ ନମାଜ ଅସର୍ ବା ମଗରିବ୍ ପରେ ଦରସୁଲ୍ ହଦିସ୍ ଅଥବା ମଲ୍‌ଫୁଜାତ୍ ଦେବାର ବନ୍ଦବସ୍ତ କରନ୍ତୁ ।

**୪. ଅଖବାର-ଏ-ବଦର୍** : ପ୍ରତ୍ୟେକ ଘରେ ଅଖବାର-ଏ-ବଦର୍ କିଣି ତାକୁ ପଢନ୍ତୁ । ବିଶେଷ ଭାବେ ଖୁତବା ଜୁମା ଏବଂ ହୁଜୁର ଅ.ବିଙ୍କ ଗସ୍ତଗୁଡ଼ିକର ବିବରଣୀ ନିଶ୍ଚିତ ପଢନ୍ତୁ ।

**୫. ସନ୍ତାନର ତରବିୟତ** : ନିଜ ଘରୁ ହିଁ ତରବିୟତ ଆରମ୍ଭ କରନ୍ତୁ । ବାପ-ମାଆମାନେ ନିଜ ପିଲାମାନଙ୍କ ପ୍ରତି ନିଶ୍ଚିତ ସମୟ ଦିଅନ୍ତୁ । ଘରେ ସବୁବେଳେ ଧାର୍ମିକ କଥା ଭାଷା ହୁଅନ୍ତୁ ।

**୬. ପବିତ୍ର କୋରାନର ତିଲାଓ୍ୱତ୍** : ପ୍ରତିଦିନ ନମାଜ ଫଜର ପରେ ପବିତ୍ର କୋରାନର ତିଲାଓ୍ୱତ୍ କରନ୍ତୁ । ମାସକୁ ଅତି କମରେ ୧୫ ଦିନ ନିଶ୍ଚିତ ତିଲାଓ୍ୱତ୍ କରନ୍ତୁ ।

**୭. ସୁଖ ବୈବାହିକ ଜୀବନ** : ସ୍ୱାମୀ, ସ୍ତ୍ରୀର ବୈବାହିକ ଜୀବନ ସଂପର୍କ ଭଲ ହୋଇଲେ ହିଁ ଘର ସ୍ୱର୍ଗ ଭଳି ହୋଇଥାଏ ଏବଂ ପିଲାମାନଙ୍କ ଉପରେ ଏହାର ଭଲ ପ୍ରଭାବ ପଡ଼ିଥାଏ । ଏଥିପ୍ରତି ଧ୍ୟାନ ଦେବା ଉଚିତ୍ । ଅନାବଶ୍ୟକ ଓ ଅକାରଣରେ ଖୋଲା -ତଲାକ୍‌ର ଚିନ୍ତାଧାରାକୁ ସମାପ୍ତ କର ।

**୮. ପର୍ଦାର ଆବଶ୍ୟକତା** : ମହିଳାମାନଙ୍କୁ ପର୍ଦା ଏବଂ ଲଜ୍ଜାଜନିତ ବସ୍ତ୍ରଧାରଣ କରିବାକୁ ତାଗିଦ କରନ୍ତୁ । ଏବିଷୟରେ ପୁରୁଷମାନଙ୍କୁ ବି ବୁଝାଇବାର ଆବଶ୍ୟକତା ରହିଛି ।

**୯. ମଜଲିସ୍ ଶୁରାର ନିଷ୍ପତି ଅନୁଯାୟୀ କାର୍ଯ୍ୟକାରୀ** : ମଜଲିସ୍ ଶୁରାର ନିଷ୍ପତିଗୁଡ଼ିକୁ ସମ୍ମାନ ଦେଇ କାର୍ଯ୍ୟକାରୀ କରନ୍ତୁ ।

**୧୦. ସୋଶିଆଲ ମିଡ଼ିଆର ଲାଭ କ୍ଷତି ବିଷୟରେ ସଚେତନ:** ଇଂଟରନେଟ ଏବଂ ମୋବାଇଲର ଲାଭ ଓ କ୍ଷତି ବିଷୟରେ ପିଲାମାନଙ୍କୁ ଅବଗତ କରାଅ । ଅଭିଭାବକ ମାନେ ଅଶ୍ଳିଳ ଟିଭି ଚ୍ୟାନେଲଗୁଡ଼ିକୁ ବନ୍ଦ କରିଦିଅନ୍ତୁ ।

**୧୧. ରୁହମାଉ ବୈନହୁମ୍** : ଜମାତର ସଭ୍ୟମାନଙ୍କର ନିଜ ନିଜ ମଧ୍ୟରେ ପବିତ୍ର କୋରାନ ଆଦେଶାନୁଯାୟୀ ଏପରି ସଂପର୍କ ରଖିବା ଉଚିତ୍ କି ରୁହମାଉ ବୈନହୁମ୍ (ନିଜ ନିଜ ମଧ୍ୟରେ ଭ୍ରାତୃଭାବ ସ୍ଥାପନ କରିବା) ଅନୁଯାୟୀ ହେବା ଉଚିତ୍ ।

**୧୨.ମାନ୍ୟକାରୀତା ଏବଂ ନମ୍ରତା** : ମାନ୍ୟକାରୀତାର ଉଚ୍ଚ ଆଦର୍ଶ ପ୍ରତିଷ୍ଠା କର । ନିଜ ମଧ୍ୟରେ ନମ୍ରତା ସୃଷ୍ଟି କର ।

**୧୩. ମାନବ ସମାଜ ପ୍ରତି ସହାନୁଭୂତି** : ନିଜ ଅଧିକାର ଅପେକ୍ଷା ଅନ୍ୟର ଅଧିକାରକୁ ପ୍ରଥମେ ପୂରଣ କରିବା ଶିଖନ୍ତୁ ।

**୧୪. ଜମାତି ସଂସ୍ଥାର ସମ୍ମାନ** : ଜମାତି ସଂସ୍ଥାର ସମ୍ମାନ, କାଜି ନିଷ୍ପତିକୁ ମାନିବା । ଜମାତି କାର୍ଯ୍ୟାନୁଷ୍ଠାନ ଓ ଆଦେଶାବଳୀ ଉପରେ ଶୀଘ୍ର କାର୍ଯ୍ୟକାରୀ କରିବା ।

**୧୫. ଆର୍ଥିକ ତ୍ୟାଗ/ ଓ୍ୱସିୟତ୍ ସଂସ୍ଥା:** ଆର୍ଥିକ ତ୍ୟାଗ କରିବା କ୍ଷେତ୍ରରେ ବିଶେଷ ଭାବେ ଓ୍ୱସିୟତ୍ ସଂସ୍ଥାରେ ସାମିଲ ହେବା ।

**୧୬. ତରବିୟତୀ ଜଲସା କରିବା** : ତରବିୟତୀ ଜଲସା ବାରମ୍ବାର କରିବା ଉଚିତ୍ । ତରବିୟତୀ ଜଲସାଗୁଡ଼ିକରେ ତରବିୟତ ବିଷୟ ବସ୍ତୁ ଉପରେ ହଜରତ ମସିହ ମଉଦ ଆ.ସଙ୍କ ଉପଦେଶାବଳୀ ଯେପରି ବାପ-ମାଆଙ୍କ ପ୍ରତି କର୍ତବ୍ୟ, ପଡ଼ୋଶୀମାନଙ୍କ ସହ ସଦ୍‌ବ୍ୟବହାର କରିବା । ସତ କହିବା । ଅମାନତ୍‌ରେ ଆତ୍ମସାତ କରିବା ନାହିଁ । ରାଗ ରୋଷ ହେବା ନାହିଁ । ଆର୍ଥିକ ତ୍ୟାଗ କରିବା । ପବିତ୍ର କୋରାନର ତିଲାଓ୍ୱତ୍ କରିବା । ନିଜ ଜଲସାରେ ଅନ୍ୟ ଲୋକମାନଙ୍କୁ ମଧ୍ୟ ଡ଼ାକି ଆଣିବା ।

**୧୭. ଅନ୍ୟମାନଙ୍କ ସହ ବିବାହ କରିବା** : ଅନ୍ୟ ଧର୍ମାବଲମ୍ବୀ ବା ମତାବଲମ୍ବୀମାନଙ୍କ ସହ ବିବାହ କରିବାରୁ ବଂଚିତ ରହିବା ।

**୧୮. ଅଯଥା ଓ ଅନାବଶ୍ୟକ କଥାରୁ ଦୁରେଇ ରହିବା** : ନିଶାଯୁକ୍ତ କାର୍ଯ୍ୟରୁ , ଅନାବଶ୍ୟକ କର୍ମରୁ ଏବଂ ଖରାପ ସଙ୍ଗତୀରୁ ସଂପୂର୍ଣ୍ଣ ରୂପେ ବଂଚି ରହିବା ।

**୧୯. ଓ୍ୱଫାଏ ଖିଲାଫତ୍** : ଖିଲାଫତ୍ ସହ ପ୍ରେମଭାବ ଓ ନିଷ୍ଠାଭାବର ସଂପର୍କ ସ୍ଥାପନ କରିବା । ଏବଂ ନିଜ ସନ୍ତାନମାନଙ୍କୁ ମଧ୍ୟ ଖିଲାଫତ୍‌ର ବିଶ୍ୱସ୍ତ ଭାବେ ଗଢିବା ।

**୨୦. ଓହଦେଦାରମାନଙ୍କର କର୍ତବ୍ୟ** : ଓହଦେଦାର ଏବଂ ଏସଲାହୀ କମିଟିଗୁଡ଼ିକର କର୍ତବ୍ୟ ଯେ ଉକ୍ତ ଉପଦେଶାବଳୀକୁ ମାନି ଚଲିବା ପାଇଁ ଜମାତର ପ୍ରତ୍ୟେକ ଲୋକମାନଙ୍କୁ ବହୁତ ସ୍ନେହ ମମତା ସହ କାର୍ଯ୍ୟକାରୀ କରାଇବା । ସର୍ବ ପ୍ରଥମେ ପ୍ରତ୍ୟେକ ଓହଦେଦାର ନିଜେ ଭଲ ଆଦର୍ଶବାଦୀ ହୁଅନ୍ତୁ ଏବଂ ଯୁଗ ଖଲିଫାଙ୍କ ପ୍ରତ୍ୟେକ ଆଦେଶକୁ ମାନି ଚଳନ୍ତୁ ।

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷରସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତତ୍, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

# ଖୁତ୍‌ବା ଜୁମା

❖ ଆଜି ୨୭ ମଇ ଯେପରି ସବୁ ଅହେମଦୀ ଜାଣିଛନ୍ତି ଯେ ଏହି ଦିନ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବିୟୋଗ ପରେ ଖିଲାଫତ୍‌ର ଆରମ୍ଭ ହୋଇଥିଲା । ସେଥିଯୋଗୁଁ ଏହି ଦିନଟି ଯମାତ୍‌ରେ ୟୋମେ-ଖିଲାଫତ୍ (ଖଲାଫତ୍ ଦିବସ) ରୂପେ ପାଳନ କରାଯାଉଅଛି ।

❖ ଆମେ ଅଲ୍ଲାଃତାଲାଙ୍କର ଅଶେଷ କୃତଜ୍ଞ ଯେ ସେ ଆମର ଏକତା ରକ୍ଷା କରି ଆମମାନଙ୍କୁ ଗୋଟିଏ ମାଳିରେ ବାନ୍ଧି ଦେଇଛନ୍ତି । ତେଣୁ ଆମ୍ଭେ ପ୍ରତିଶୃତିବଦ୍ଧ ଯେ ଖିଲାଫତ୍‌କୁ ସୁଦୃଢ଼ ଏବଂ ଅବ୍ୟାହତ ରଖିବା ନିମନ୍ତେ ଆମେ ସବୁ ପ୍ରକାରର ବଳିଦାନ ପାଇଁ ପ୍ରସ୍ତୁତ ରହିବା ଅନିର୍ବାର୍ଯ୍ୟ । (ଇନ୍‌ଶା ଅଲ୍ଲାଃ)

❖ ବିଗତ ୧୦୮ ବର୍ଷର ଦୀର୍ଘ ଅବଧି ଏହାର ପ୍ରମାଣ ଦେଉଛି ଯେ ଯମାତ୍‌ର ଗୋଟିଏ ପରେ ଗୋଟିଏ ପିଢ଼ୀ ଏହି ପ୍ରତିଶୃତିକୁ ବେଶ ଦୃଢ଼ତାର ସହ ପୂରଣ କରି ଚାଲିଛନ୍ତି ।

❖ ଅଲ୍ଲାଃତାଲା ଭବିଷ୍ୟତରେ ମଧ୍ୟ ଯମାଅତ୍‌ର ପ୍ରତ୍ୟେକ ସଦସ୍ୟ ଏବଂ ଆସନ୍ତାରେ ଯେ କେହି ଏହି ଯମାଅତ୍‌ର ଅନ୍ତର୍ଭୁକ୍ତ ହେବେ, ସମସ୍ତଙ୍କୁ ଏହି ପ୍ରତିଶୃତି ସମ୍ପୂର୍ଣ୍ଣ କରିବାକୁ ଶକ୍ତି ପ୍ରଦାନ କରନ୍ତୁ ।

❖ ଯଦି ଆମେ ଦୃଢ଼ତାର ସହିତ ଏକେଶ୍ୱରବାଦ ଉପରେ ଅଟଳ ବିଶ୍ୱାସ ରଖିବା ଏବଂ ମନୁଷ୍ୟ ଜାତିର ସେବାରେ ଉନ୍ନତି କରିଚାଲିବା, ଖିଲାଫତେ ଅହମଦୀୟା ସହିତ ସଂଲଗ୍ନ ହୋଇ ରହିବା ତେବେ ସେ ସବୁ ଉନ୍ନତି ଯେଉଁଗୁଡ଼ିକ ଅଲ୍ଲାଃତାଲା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସହିତ ପ୍ରତିଶୃତି କରିଥିଲା ତାହା ଆମେ ଦେଖିପାରିବା ।

## ଖୁତ୍‌ବା ଜୁମା: ସୟଦନା ହଜରତ ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]
## (ପ୍ରଦତ୍ତ: ୨୭ ମଇ ୨୦୧୬ ଅନୁଯାୟୀ ୨୭ ହିଜ୍‌ରତ୍ ୧୩୯୫ ହି.ଶ)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ ـ بِسْمِ اللّٰهِ الرَّحْمٰنِ الرَّحِيمِ
اَلْحَمْدُ لِلّٰهِ رَبِّ الْعَالَمِينَ ـ اَلرَّحْمٰنِ الرَّحِيمِ ـ مٰلِكِ يَوْمِ الدِّينِ ـ إِيَّاكَ نَعْبُدُ وَإِيَّاكَ نَسْتَعِينُ ـ
اِهْدِنَا الصِّرَاطَ الْمُسْتَقِيمَ ـ صِرَاطَ الَّذِينَ أَنْعَمْتَ عَلَيْهِمْ غَيْرِ الْمَغْضُوبِ عَلَيْهِمْ وَلَا الضَّالِّينَ ـ

ତଶହୁଦ୍, ତ'ଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହୁଜୁର ଅନଓ୍ୱର ଅ:ବ କହିଲେ-ଆଜି ମଇ ମାସ ୨୭ ତାରିଖ । ଯେପରିକି ପ୍ରତ୍ୟେକ ଅହେମଦି ଜାଣନ୍ତି ହଜରତ ମସିହ ମଉଦ ଆ.ସ ଙ୍କ ଦେହାନ୍ତ ପରେ ଆଜିର ଦିନରେ ଜମାଅତ ଅହେମଦିୟାରେ ଖିଲାଫତର ବ୍ୟବସ୍ଥା ସୁଭାରମ୍ଭ ହୋଇଥିଲା । ତେଣୁ ଜମାଅତ ଆଜିର ଦିନଟିକୁ ୟୋମ-ଏ-ଖିଲାଫତ ଭାବରେ ପାଳନ କରି ଆସୁଅଛି ବା ଅଲ୍ଲାଃତାଲାଙ୍କର ପ୍ରତିଶୃତି, ଆଁ ହଜ୍‌ରତ୍ ସ:ଆ:ସଙ୍କ ଭବିଷ୍ୟବାଣୀ ଏବଂ ହଜ୍‌ରତ୍ ମସିହ୍ ମଉଦ ଆ:ସଙ୍କ ଓ୍ୱ କୁଦ୍‌ରତେ ସାନିଆ (ଦ୍ୱିତୀୟ ଅଲୌକିକ ଆବିର୍ଭାବ) ସମ୍ବନ୍ଧୀୟ ଦିଆଯାଇଥିବା ସୁସମାଚାର ଅଛି । ଆମ୍ଭେ ଅଲ୍ଲାଃଙ୍କର ଅଶେଷ କୃତଜ୍ଞ ଯେ ସେ ଆମ୍ଭର ଏକତା ରକ୍ଷା କରି ଆମ୍ଭମାନଙ୍କୁ ଗୋଟିଏ ମାଳିରେ ବାନ୍ଧି ଦେଇଛନ୍ତି । ତେଣୁ ଆମ୍ଭେ ପ୍ରତିଶୃତି ବଦ୍ଧ ଯେ ଖିଲାଫତକୁ ସୁଦୃଢ ଏବଂ ଅବ୍ୟାହତ ରଖିବା ନିମନ୍ତେ ଆମ୍ଭେ ସମସ୍ତ ପ୍ରକାରର ବଳିଦାନ ପାଇଁ ପ୍ରସ୍ତୁତ ରହିବା ଅନିବାର୍ଯ୍ୟ । ବିଗତ ୧୦୮ ବର୍ଷର ଦିର୍ଘ ଅବଧି ଏହାର ପ୍ରମାଣ ଦେଉଛି ଯେ ଜମାଅତର ଗୋଟିଏ ପରେ ଗୋଟିଏ ପିଢୀ ଏହି ପ୍ରତିଶୃତିକୁ ବେଶ ଦୃଢତାର ସହ ପୂରଣ କରି ଚାଲିଛନ୍ତି । ଅଲ୍ଲାଃତାଲା ଭବିଷ୍ୟତରେ ମଧ୍ୟ ଜମାଅତର ପ୍ରତ୍ୟେକ ସଦସ୍ୟ ଏବଂ ଆସନ୍ତାରେ ଯେ କେହି ଏହି ଜମାଅତର ଅର୍ନ୍ତଭୁକ୍ତ ହେବେ, ସମସ୍ତଙ୍କୁ ଏହି ପ୍ରତିଶୃତି ସମ୍ପର୍ଣ କରିବାକୁ ଶକ୍ତି ପ୍ରଦାନ କରନ୍ତୁ । ଦେଖ ହଜରତ ମସିହ ମଉଦ ଆ.ସ ନିଜ ଆଗମନର ଉଦ୍ଦେଶ୍ୟ ଭକ୍ତକୁ ନିଜ ସୃଷ୍ଟିକର୍ତାର ନିକଟବର୍ତୀ ଓ ସ୍ରଷ୍ଟାଙ୍କ କର୍ତବ୍ୟ ସମ୍ପର୍ଣ କରିବା ଦର୍ଶାଇଛନ୍ତି । ଅଲ୍‌ଓ୍ୱସିୟତ୍ ପତ୍ରିକାରେ ମଧ୍ୟ ଖିଲାଫତ୍‌ର ସ୍ଥାପନା ବିଷୟରେ ସୁସମାଚାର ଦେଇ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏହି ଉପଦେଶଗୁଡ଼ିକୁ ନିଜ ଜୀବନର ଅଙ୍ଗ ଭାବେ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ତେଣୁ ଏହି ପୁସ୍ତକରେ ଗୋଟିଏ ସ୍ଥାନରେ ଆପଣ କହୁଛନ୍ତି କି ଯଦି ତୁମେ ସମ୍ପୁର୍ଣ୍ଣ ରୂପେ ଅଲ୍ଲାଙ୍କ ନିକଟରେ ନତମସ୍ତକ ହେବ ତେବେ ଜାଣିରଖ ମୁଁ ଅଲ୍ଲାଙ୍କ ଇଚ୍ଛା ଅନୁସାରେ ତୁମକୁ କହିରଖୁଛି ଯେ ତୁମେ ଅଲ୍ଲାଃଙ୍କର ଏକ ଧର୍ମନିଷ୍ଠ ଗୋଷ୍ଠି ହୋଇଯିବ । ଅଲ୍ଲାଃଙ୍କ ଉତ୍କୃଷ୍ଟତା (ଶ୍ରେଷ୍ଠତା)କୁ ନିଜ ହୃଦୟରେ ସ୍ଥାପନ କର ଏବଂ ତାର ଏକେଶ୍ୱରବାଦକୁ ନା କେବଳ ମୁହଁ ଦ୍ୱାରା ବରଂ ନିଜ କାର୍ଯ୍ୟଦ୍ୱାରା କରି ଦେଖାଓ ତା ହେଲେ ଅଲ୍ଲାଃତାଲା ମଧ୍ୟ ନିଜର ସ୍ନେହ ଓ କରୁଣା ତୁମ ଉପରେ ପ୍ରକାଶ କରିବେ । ବିଦ୍ୱେଷ ପରାୟଣରୁ ରହିତ ହୁଅ ଏବଂ ମନୁଷ୍ୟ ସହିତ ସଚ୍ଚୋଟତାର ସହାନୁଭୂତି ରଖ । ପୁଣ୍ୟର ସବୁ ରାସ୍ତାକୁ ଗ୍ରହଣ କର । କେଜାଣି କେଉଁ ରାସ୍ତାରେ ତୁମେ ଗ୍ରହଣୀୟ ହୋଇଯିବ । ***(ରିସାଲା ଅଲ୍‌ଓ୍ୱସିୟତ୍ ରୁହାନି ଖଜାଏନ୍, ଖଣ୍ଡ-୨୦, ପୃଷ୍ଠା-୩୦୮)***

ତେଣୁ ଆମେ ଯଦି ଏକେଶ୍ୱରବାଦ ଉପରେ ନିଷ୍ଠା ରଖିବା ଓ ମାନବ ସମାଜର ସେବାରେ ଅଗ୍ରସର ଓ ଲାଗିରହିବା, ଖିଲାଫତେ ଅହେମଦୀୟା ସହିତ ସଂଲଗ୍ନ ହୋଇ ରହିବା ତେବେ ସେହି ସମସ୍ତ ଉନ୍ନତି ଯେଉଁ ଗୁଡ଼ିକ ଅଲ୍ଲାଃତାଲା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସହିତ ପ୍ରତିଜ୍ଞା କରିଥିଲା ତାହା ସବୁ ଆମେ ଦେଖିପାରିବା । ଏହି କଥାର ମଧ୍ୟ ଅଲ୍ଲାଃତାଲାଙ୍କଠାରୁ ଖବର ପାଇ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆମକୁ ସୁସମାଚାର ଦେଇଛନ୍ତି । ଏହି ସମ୍ବନ୍ଧରେ ଆପଣ କହୁଛନ୍ତି

"ଏପରି ଚିନ୍ତା କରନାହିଁ ଯେ ଅଲ୍ଲାଃ ତୁମକୁ ବିଫଳ କରିଦେବେ ବୋଲି । ତୁମେ ଏପରି ଏକ ମଞ୍ଜୀ ଅଟ ଯାହା ଅଲ୍ଲାଙ୍କ ହାତ ଦ୍ୱାରା ମାଟିରେ ରୋପଣ କରାଯାଇଅଛି । ଅଲ୍ଲାଃ କହୁଛନ୍ତି ଯେ ଏ ମଞ୍ଜି ଗଛ ହେବ ଓ ଫୁଲ ଫଳରେ ଆଛାଦିତ ହେବ ଏବଂ ଚାରିଆଡ଼କୁ ତା'ର ଡ଼ାଳ ମେଲିଯିବ ଏବଂ ଏହା ଏକ ବଡ଼ ଦ୍ରୁମରେ ପରିଣତ ହେବ । (ରିସାଲା ଅଲ୍‌ଓ୍ୱସିୟତ୍ ରୁହାନି ଖଜାଏନ୍, ଖଣ୍ଡ-୨୦, ପୃଷ୍ଠା-୩୦୯)

ତେଣୁ ଏଥିରେ କୌଣସି ସନ୍ଦେହ ହେବାର ନାହିଁ ଯେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଦ୍ୱାରା ସ୍ଥାପନ କରାଯାଇଥିବା ଯମାତ୍ ଉନ୍ନତି କରିବ, ଏହା ଅଲ୍ଲାଃତାଲାଙ୍କର ପ୍ରତିଶୃତି ଅଟେ । ଆମେ ସମସ୍ତେ ନିଜ ନିଜର ନିରିକ୍ଷଣ କରିନେବା ଉଚିତ୍ ଯେ ଆମେ (ହୁକୁକୁଲ୍ଲାଃ) ଅଲ୍ଲାଃଙ୍କ ହକ୍ ଓ (ହୁକୁକୁଲ୍ ଇବାଦ୍) ମଣିଷର ହକ୍ ପାଇଁ କ'ଣ କରୁଅଛେ । ଦୁନିଆର ଆଖି ଆମ ଉପରେ ଅଛି । ଅଲ୍ଲାଃତାଲା ମଧ୍ୟ ଏହି କାର୍ଯ୍ୟ ଆମ ଉପରେ ନ୍ୟସ୍ତ କରିଛନ୍ତି ଯେ ଏକେଶ୍ୱରବାଦ ସ୍ଥାପନ ହେଉ । ଆମେ ନିଜେ ଅଲ୍ଲାଃଙ୍କ ନିକଟତର ହେବା ସହିତ ସଂସାରବାସୀଙ୍କୁ ମଧ୍ୟ ତାଙ୍କର ସୃଷ୍ଟିକର୍ତା ଏକେଶ୍ୱର ଅଲ୍ଲାଃଙ୍କ ନିକଟରେ କରାଇବା ପାଇଁ ଚେଷ୍ଟା କରିବା ଏବଂ ମାନବ ଜାତିର ସମ୍ମାନକୁ ସ୍ଥାପନ କରିବା ।

ବିଗତ ଦିନରେ ମୁଁ ସ୍କାନଡିନେଭିଆ (ଦେଶର) ଗ୍ରସ୍ତରେ ଥିଲି, ସେଠାକାର ସାମ୍ବାଦିକ ଓ ଶିକ୍ଷିତ ଶ୍ରେଣୀ ମୋତେ ଏହି ପ୍ରଶ୍ନ କଲେ କି ତୁମର ଲକ୍ଷ କଣ ? ମୁଁ ତାଙ୍କୁ ଉତର ଦେଲି ହଜରତ ମସିହ ମଉଦ ଆ.ସ ଯେଉଁ ଉଦ୍ଦେଶ୍ୟ ନେଇ ଆସିଥିଲେ ତାଙ୍କ ଖଲିଫାଙ୍କର ମଧ ସେହି ଉଦ୍ଦେଶ୍ୟ ଅଟେ ଅର୍ଥାତ ଭକ୍ତଙ୍କୁ ନିଜ ପାଳନକର୍ତା ର ନିକଟବର୍ତୀ କରିବା ଏବଂ ମାନବ ଜାତିର କର୍ତବ୍ୟ ସମ୍ପର୍ଣ କରିବା । ଆଠାରୁ ବଳି ଆମର ଆଉ ଅଧିକ କିଛି ଉଦ୍ଦେଶ୍ୟ ନାହିଁ । କାରଣ ଆଜି ଆମେ ଅନୁଭବ କରୁଛୁ କି ସଂସାରବାସୀ ନିଜ ପାଳନକର୍ତାଙ୍କୁ ଭୁଲି ଚାଲିଛନ୍ତି । ବିଶେଷ କରି ମାନବ ସେବା ନାମରେ ନିଜ ସ୍ୱାର୍ଥ ହାସଲ କରିବାକୁ ଚେଷ୍ଟା କରାଯାଉଛି । ଯଦ୍ୱାରା ଅଶାନ୍ତି ବଢିବା ସହ ଦେଶ ଦେଶ ଓ ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ ସମ୍ପର୍କ ତିକ୍ତ ହେବାରେ ଲାଗିଛି । ଏ ଯୁଗରେ ଏ କଥା ପାର୍ଥିବ ସାଂସାରିକ ବ୍ୟକ୍ତିଙ୍କୁ ବହୁତ କଷ୍ଟରେ ବୁଝନ୍ତି । ଯେ କୌଣସି ଲାଭ ନଥାଇ କେବଳ ଅଲ୍ଲାହଙ୍କର ସାନ୍ନିଧ ପାଇବା ପାଇଁ ତୁମେ ଏପରି କାର୍ଯ୍ୟ କିପରି କରିପାରିବ । ସେମାନଙ୍କର ଏହି ଭାବନା ହୋଇପାରେ ଯେ ତୁମେ ଅହେମଦୀମାନେ ପ୍ରେମ ନା'ରେ ଅନ୍ୟଙ୍କୁ ନିକଟତର କରିବା ପାଇଁ ଚେଷ୍ଟା କରୁଛ, ପରେ ଯେତେବେଳେ ତୁମେ ଶକ୍ତିଶାଳି ହୋଇ ଦେଶମାନଙ୍କୁ ଆୟତ କରିଦେବ । ଏହା ବୋଧେ ତୁମର ଲକ୍ଷ । ଯେଉଁଥିରେ ତୁମେ ଏ ରାସ୍ତାକୁ ବାଛି ଦେଇଛ । (Stock holm) ଷ୍ଟକ୍ ହୋମ୍ ୟୁନିଭରସିଟିର ଜଣେ ଇସ୍‌ଲାମୀୟ ପ୍ରଫେସର ଗୋଟିଏ ଯାଗାରୁ ଏପରି ପ୍ରଶ୍ନ କରିଥିଲେ । ମୁଁ ତାଙ୍କୁ ଯେଉଁ ଉତର ଦେଲି ତାହା ହଜରତ୍ ମସିହ୍ ମଉଦ ଆ:ସଙ୍କ ଏହି ପଦରେ ଅଛି ।

ମୁଝ୍‌କୋ କ୍ୟା ମୁଲ୍‌କୌଁ ସେ ମେରା ମୁଲ୍‌କ୍ ହୈ
ସବ୍‌ସେ ଯୁଦା ।
ମୁଝ୍‌କୋ କ୍ୟା ତାଜୌଁ ସେ ମେରା ତାଜ୍ ହୈ
ରିଜ୍‌ୱାନେ ୟାର୍

ଏବଂ ଏହା ହିଁ ଖିଲାଫତେ ଅହମଦୀୟାର ଲକ୍ଷ ।

ଏହି ଗ୍ରସ୍ତରେ ମୋର ମେଡିଆ ସହ ଅନେକ ସାକ୍ଷାତ ହେଲା । ମାଲମୋ ମସଜିଦ୍ ଉଦଘାଟନ ଉତ୍ସବ ବ୍ୟତୀତ ଡେନମାର୍କ ଓ ଷ୍ଟାର୍କ ହୋମରେ ଦୁଇଟି ରିସେପସନ୍ ଅନୁଷ୍ଠିତ ହେଲା ଯେଉଁଥିରେ ପବିତ୍ର କୋରାନର ଶିକ୍ଷା, ହଜରତ ମହମ୍ମଦ ସ:ଅ:ସ ଓ ଖଲିଫାମାନଙ୍କ ଜୀବନ ଶୈଳୀ ମାଧମରେ ନିଜର ବକ୍ତବ୍ୟ ରଖିଥିଲି ଯେଉଁଥିରେ ଅଧିକାଂଶ ଲୋକ ମୁକ୍ତ କଣ୍ଠରେ ନିଜ ମତ ପ୍ରକାଶ କଲେ କି ଆଜି ଆମେ ଇସଲାମର ପ୍ରକୃତ ଶିକ୍ଷା ସହ ଅବଗତ ହେଲୁ । ଏବଂ ସବୁବେଳେ ଏହିପରି ହେଉଛି । ଏ ପୃଥିବୀରେ ଯମାତ୍ ଅହେମଦୀୟା ଜରିଆରେ ବର୍ତମାନ ଯୁଗରେ ଅନେକ ଯାଗାରେ ଶାନ୍ତି ପ୍ରତିଷ୍ଠା ଉଦ୍ଦେଶ୍ୟରେ ଯାହା ସବୁ ସଭା ହେଉଛି, କନ୍‌ଫ୍ରେନ୍‌ସ ହେଉଛି, ସିଂପୋଜିୟମ୍ (Symposium) ଅନୁଷ୍ଠିତ ହେଉଛି, ଏହା ସବୁ ଦେଖି ଲୋକେ କହୁଛନ୍ତି ଯେ ଆଜି ସଂସାରରେ ଏକ ପ୍ରକାରର ଏବଂ ଗୋଟିଏ ବିଷୟ (ଶାନ୍ତି ପ୍ରତିଷ୍ଠା) ଉପରେ ନିଜର ଚେଷ୍ଟାବଳରେ ପୂର୍ବ, ପଶ୍ଚିମ, ଉତର ଓ ଦକ୍ଷିଣ ସବୁ ଯାଗାରେ ଏହି ଚେଷ୍ଟା କରି ଚାଲିଛି । ଏହା ଏଇଥିପାଇଁ ସମ୍ଭବ ହେଉଛି କି ଯମାତ୍ ଅହେମଦୀୟା ଖିଲାଫତ୍ ସହିତ ସଂଶ୍ଳିଷ୍ଟ ଅଛି ଏବଂ ଜଣଙ୍କ ଆଦେଶରେ କାର୍ଯ୍ୟ କରୁଅଛି ।

ଯେପରିକି ମୁଁ କହିଲି ଅଧିକାଂଶ ଲୋକ ନିଜ ନିଜର ମତ ବ୍ୟକ୍ତ କଲେ କି ଆଜି ଆମେ ଜମାଅତ ଅହମଦିୟାର ଖଲିଫାଙ୍କ ଦ୍ୱାରା ଇସଲାମର ପ୍ରକୃତ ଶିକ୍ଷା ସହ ଅବଗତ ହେଲୁ । ଅତଏବ ହଜରତ ମସିହ ମଉଦ ଆ.ସଙ୍କ ଅନ୍ତେ ପ୍ରଚଳିତ ଖିଲାଫତର ବ୍ୟବସ୍ଥା କେବଳ ଅହେମଦିମାନଙ୍କ ସଠିକ୍ ମାର୍ଗ ଦର୍ଶନ କରୁ ନାହିଁ ବରଂ ଅଣଅହେମଦି ଓ ଇସଲାମକୁ ଭୟ କରୁଥିବା ଲୋକମାନଙ୍କୁ ପ୍ରକୃତ ଇସଲାମୀୟ ଶିକ୍ଷାର ଦୃଷ୍ଟାନ୍ତ ଦେଖାଉଛି । ହଜୁର ଅନଓର ଅ.ବ କହିଲେ ଅଣଅହେମଦିମାନେ ଆମ ସମ୍ମିଳନୀମାନଙ୍କରେ ଯୋଗଦେବା ଫଳରେ ସେମାନେ କିପରି ପ୍ରଭାବିତ ହେଉଛନ୍ତି ତାହାର କିଛି ନମୁନା ଏଠାରେ ଉପସ୍ଥାପନ କରୁଅଛି ।

ଡେନମାର୍କର ଏକ ହୋଟେଲରେ ରିସେପସନ୍ ଅବସରରେ ଯେଉଁଠିକି ପାର୍ଲିଆମେଂଟ୍ର ମେମ୍ବରମାନେ ମଧ ଆସିଥିଲେ । ସେଠିକାର ଧର୍ମ ଓ ସାଂସ୍କୃତିକ ମନ୍ତ୍ରୀ ମଧ ଥିଲେ, ମେୟର ଓ ରାଜନୀତିଜ୍ଞମାନେ, ଅନ୍ୟାନ୍ୟ ବୁଦ୍ଧିଜୀବି ଓ ଅସ୍ପାସିର ପ୍ରତିନିଧି ମଧ ଆସିଥିଲେ । ସେମାନେ ଏହି ଫଙ୍‌ସନ୍ ଦେଖିଲେ ଓ ଶୁଣିଲେ ଏବଂ ସମସ୍ତେ ଏକମତ ହୋଇ ପ୍ରକାଶ କଲେ କି ଆଜି ଆମକୁ ଇସ୍‌ଲାମ୍‌ର ସଠିକ୍ ଓ ସୁଶିକ୍ଷାର ଜ୍ଞାନ ମିଳିଲା ।

ଷ୍ଟେନହାଫ୍‌ମ୍ୟାନ ନାମକ ଜଣେ ଅତିଥି କହିଲେ ଖଲିଫାଙ୍କ ବକ୍ତୃତା ଶୁଣି ମୁଁ ବେଶ ଆତ୍ମ ସନ୍ତୋଷ ଅନୁଭବ କରୁଛି । ଆଜିର ସମୟରେ ଏପରି ବାର୍ତାର ଅତ୍ୟଧିକ ଆବଶ୍ୟକତା ରହିଛି । ସେ ଆହୁରି କହିଲେ କି ସ୍କାଣ୍ଡିନେଓୀୟା ରେ ଖଲିଫାଙ୍କର ଏହି ବାର୍ତା ବୁଝିବା ଉଚିତ୍ ।

ଡେନମାର୍କର କସକୋ ଶହରର ଜଣେ କାଉନସିଲ୍‌ର ସଦସ୍ୟ କହିଲେ କି ଖଲିଫାଙ୍କ ବକ୍ତୃତା ବେଶ ପ୍ରଭାବଶାଳି ଥିଲା । ମୁଁ ଏହା ଜାଣି ବହୁତ ଆନନ୍ଦିତ ଯେ ଲକ୍ଷ ଲକ୍ଷ ମୁସଲମାନ କୌଣସି ପ୍ରକାରର ଭୟ ନରଖି ଶାନ୍ତି ପ୍ରତିଷ୍ଠା ନିମନ୍ତେ ପ୍ରଚେଷ୍ଟା ଚଳାଇଛନ୍ତି ଏବଂ ସେମାନେ ସମସ୍ତେ ଜମାଅତ ଅହେମଦିୟା ସମ୍ପ୍ରଦାୟର ଅଟନ୍ତି । ପୁଣି ଜଣେ ଅତିଥି କହିଲେ – ମୋ ଟେବୁଲ୍ ପାଖରେ ବସିଥିବା ସୁବ ଲୋକ ବକ୍ତୃତା ଶୁଣିବା ପରେ ଇସ୍‌ଲାମ୍‌ର ସତ୍ୟତାକୁ ବୁଝି ଏହାର ପ୍ରକାଶ କରୁଥିଲେ । ସମସ୍ତେ କହୁଥିଲେ କି ନିଶ୍ଚିତ ରୂପେ ଏହା ଖୁସିର କଥା କି ଇସ୍‌ଲାମ୍‌କୁ ଏପରି ସୁନ୍ଦର ଭାବେ ଉପସ୍ଥାପନ କରାଯାଇଛି । ବିଶେଷ କରି ଡାନିଶ୍ ଲୋକମାନେ ଇସ୍‌ଲାମ୍‌ର ଗୋଟିଏ ପକ୍ଷକୁ ଜାଣିଛନ୍ତି । ଏମାନେ ଜାଣନ୍ତି ନାହିଁ ଯେ ଇସ୍‌ଲାମ୍‌ରେ ଏପରି ଅନେକ ଗୋଷ୍ଠି ମଧ ଅଛନ୍ତି ଯେଉଁମାନେ ଶାନ୍ତି ଚାହୁଁଛନ୍ତି । ପୁଣି କହିଲେ ଯେ ମୋ ପାଇଁ ଏହା ପ୍ରକାଶ କରିବା ନିତ୍ୟାନ୍ତ ଆବଶ୍ୟକ ଅଟେ ଏବଂ ମୋର ବିଶ୍ୱାସ ଅଛି ଯେ ଆଜି ଏହି ସଭାରେ ସାମିଲ୍ ହୋଇଥିବା ସମସ୍ତ ଅତିଥିବୃନ୍ଦ ଗୋଟିଏ ନୂଆ ପ୍ରତିଜ୍ଞା କରି ଯିବେ ଏବଂ ବିଶେଷ କରି ଡେନମାର୍କରେ ସର୍ବପ୍ରଥମେ ବ୍ୟଙ୍ଗଚିତ୍ରର ଖବର ପ୍ରକାଶ ପାଇଥିଲା । ତେଣୁ ସେମାନଙ୍କୁ ମୁଁ କହିଲି ଏପରି କାର୍ଯ୍ୟରୁ ନିବୃତ ରହିବା ଉଚିତ୍, ନଚେତ୍ ଶାନ୍ତି ଭଙ୍ଗ ହେବା ସହ ବିଭିନ୍ନ ପ୍ରକାରର କ୍ଷତି ହେବା ଛଡା କିଛି ଲାଭ ହେବ ନାହିଁ । ସେମାନେ ଏହା ହୃଦୟଙ୍ଗମ କଲେ କି ପ୍ରକୃତରେ ଏହା ଏକ ସମ୍ବେଦନଶୀଳ ବିଷୟ ଏବଂ ମୁକ୍ତ କଣ୍ଠରେ କହିଲେ କି ଆମକୁ ଏପରି ଭାବରେ ଆଗରୁ କେହି ବୁଝାଇନଥିଲେ ଯେମିତିକି ଆପଣ ବୁଝାଇବା ଦ୍ୱାରା ଆମେ ଆଜି ବୁଝିପାରିଛୁ ।

ଜଣେ ଅତିଥି କହିଲେ ଆଜିର ଏହି ସମ୍ମିଳନୀର ବକ୍ତୃତା ଶୁଣିବା ପରେ ଲୋକମାନଙ୍କର ଇସଲାମ ସମ୍ବନ୍ଧରେ ଚିନ୍ତାଧାରା ନିଶ୍ଚିତ ରୂପେ ପରିବର୍ତନ ହୋଇଯାଇଥିବ । ସେ କହିଲେ ମୁଁ ଇସଲାମକୁ ଆହୁରି ଭଲକରି ବୁଝିବା ପାଇଁ ଏକ କୋରାନ ମଗାଇଛି ଯେଉଁଥିରେ କି ସଂକ୍ଷିପ୍ତ ବ୍ୟାଖ୍ୟା ମଧ ଥିବ । ଆଜିର ଏହି ସନ୍ଧାରେ ମୋତେ ନିଜ ଇସଲାମ ସମ୍ବନ୍ଧରେ ଅଜ୍ଞାନତାର ଅନୁଭବ ହେଲା । ତେଣୁ ଆଜିଠାରୁ ମୁଁ ପବିତ୍ର କୋରାନ (ନିୟମିତ) ପାଠ କରିବି ।

ନାକସ୍କୋ ସହରର ଜଣେ ଅତିଥି ଲେଖିଛନ୍ତି ଆପଣଙ୍କୁ ଆମର ଶହସ୍ର କୃତଜ୍ଞ ଓ ଏହି ସମ୍ମିଳନୀ ମୋ ସାରା ଜୀବନ ମନେରହିବ ଏବଂ ଅଭିଜ୍ଞତା ପୂର୍ବକ ମନେରହିବ ଯେ କୋପନହେଗନ୍ ଠାରୁ ନାକସ୍କୋରେ ପହଂଚିବା ପର୍ଯ୍ୟନ୍ତ ଆମ ଗାଡିରେ ଏକ ଆଧାତ୍ମିକ ପରିବେଶ ଥିଲା ଏବଂ ସମସ୍ତେ ଏକ ମତ ହୋଇ କହୁଥିଲେ କି ଆମ୍ଭେ ଏକ ଭଲଦିନ ଅତିବାହିତ କଲୁ ଓ ଅନେକ କଥା ଶିଖିଲୁ ।

ଜଣେ ଲେଖକ ନିଜର ମତ ପୋଷଣ କରି କହିଲେ ଆଜି ଏଠାରୁ ମୁଁ ବହୁତ କିଛି ଶିଖିବାକୁ ପାଇଲି ଖଲିଫାଙ୍କ ବକ୍ତୃତା ମୋତେ ବିଶେଷ ଭାବରେ ଏଥିପ୍ରତି ଚିନ୍ତା କରିବାକୁ ବାଧ କଲା କି ମେଡିଆରେ ଇସଲାମ ସମ୍ବନ୍ଧରେ ଯାହା କୁହାଜାଉଛି ତାହା ସତ୍ୟଠାରୁ ବହୁ ଦୂରରେ । ସମ୍ମିଳନୀର ପ୍ରତ୍ୟେକ କଥା ପ୍ରେମ, ସଦାଚାର ଏବଂ ପରସ୍ପରକୁ ସମ୍ମାନ କରିବା ସମ୍ବନ୍ଧରେ ଥିଲା । ନିଶ୍ଚିତ ଭାବରେ ଏହା ହିଁ ଶାନ୍ତି ପ୍ରତିଷ୍ଠାର ଚାବିକାଠି । ପୁଣି କହିବାକୁ ଲାଗିଲେ ଯେ ଖଲିଫା ଆମକୁ ଆଉ ଗୋଟିଏ ବିଶ୍ୱ ଯୁଦ୍ଧର ବିପଦ ବିଷୟରେ ଜଣାଇଥିଲେ । ତେଣୁ ମୁଁ ଏବେ ବ୍ୟସ୍ତ ହୋଇପଡ଼ିଛି । ମୁଁ ଏହା ପୂର୍ବରୁ ଜଣେ ଦୁଇଜଣଙ୍କଠାରୁ ଏହି ବିଶ୍ୱଯୁଦ୍ଧ ସମ୍ପର୍କରେ ଶୁଣିଥିଲି ଯେ ବିଶ୍ୱଯୁଦ୍ଧ ନିକଟରେ କିନ୍ତୁ ମୁଁ ବିଶ୍ୱାସ କରୁନଥିଲି କିନ୍ତୁ ଆଜି ମୋର ଧାରଣା ବଦଳି ଗଲା । ମତେ ଏବେ ଏହାକୁ ଗୁରୁତ୍ୱର ସହିତ ଦେବାକୁ ପଡ଼ିବ ଏବଂ ପୁଣି କହିଲେ ଯେ ଖଲିଫା ଏ ବିଷୟକୁ ଏପରି ଉପସ୍ଥାପନ କରିଲେ ଯେ ମତେ ବିଚାର କରିବାକୁ ହେବ ।

ଜଣେ ଡେନିଶ ମହିଳା କହିଲେ ପୂର୍ବେ ଇସଲାମ ପ୍ରତି ମୋର ନକାରାତ୍ମକ ଚିନ୍ତାଧାରା ଥିଲା କିନ୍ତୁ ଆଜି ମୁଁ ବେଶ ଭଲ ଓ ପ୍ରେମଭରା ବାର୍ତା ଶୁଣିବାକୁ ପାଇଲି । ମୁଁ ଆଜି ବୁଝିଲି ଯେ ଆଇଏସଆଇଏସ୍ ପ୍ରକୃତରେ ଇସଲାମର ମାନ୍ୟକାରୀ ନୁହନ୍ତି ଇସଲାମର ଶିକ୍ଷା ତ ସମସ୍ତ ଧର୍ମସ୍ଥଳିର ସୁରକ୍ଷା କରିବା ଅଟେ ।

ଆଉ ଏକ ଡେନିଶ ମହିଳା କହିଲେ ଆଜି ମୁଁ ଏକ ଏପରି ବ୍ୟକ୍ତିତ୍ୱ ସହ ସାକ୍ଷାତ କଲି ଯେ ପ୍ରମାଣ କରିଦେଲେ ଯେ ଲୋକେ ମେଡିଆ ମାଧମରେ ଇସଲାମର ଯେଉଁ ରୂପ ଦେଖାଉଛନ୍ତି ତାହା ସମ୍ପୂର୍ଣ୍ଣ ଭୁଲ ଅଟେ । ମୁଁ ବହୁତ ଭାବବିହ୍ୱଳ ଓ ଉତ୍ସାହିତ ଯେ ଆଜି ମୁଁ ଏକ ଏପରି ବ୍ୟକ୍ତି ସହ ସାକ୍ଷାତ କଲି ଯେ ମୋତେ ଜେହାଦର ପ୍ରକୃତ ଅର୍ଥ ବୁଝାଇଦେଲେ । ମେଡିଆର ସ୍ୱାଧୀନ ଭାବରେ ଅପପ୍ରଚାର ସମ୍ବନ୍ଧରେ ଅବଗତ ହେବା ସହ ସଂସାରରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ତାଙ୍କର ପ୍ରୟାସ ମୋତେ ପ୍ରଭାବିତ କରିଛି ।

ଆଉ ଜଣେ ଡେନିଶ ଅତିଥି କହିଲେ ଖଲିଫା ନିଜ ବକ୍ତୃତାରେ ପବିତ୍ର କୋରାନର ଆୟତ ମାଧମରେ କହିବା, ପ୍ରମାଣ କରୁଛି ଯେ ଉକ୍ତ ବକ୍ତୃତାଟି ତାଙ୍କ ମନଗଢା ନୁହେଁ ବରଂ ସତ୍ୟ ଉପରେ ଆଧାରିତ । ସେ କହିଲେ, ଏହି କଥାରୁ ପ୍ରମାଣ ହେଉଛି ଯେ ପଶ୍ଚାତ୍ୟରେ

(Integration) ମୁସଲ୍‌ମାନଙ୍କ ଏକୀକରଣ ସମ୍ଭବ ଅଛି । କାରଣ ସେ ବତେଇଲେ ଯେ ଇସ୍‌ଲାମ୍ ପାଶ୍ଚାତ୍ୟ ଶକ୍ତିର ଖିଲାପ ନୁହେଁ । କାରଣ ଶାନ୍ତି ଭାଇଚାରା ଏବଂ ଅନ୍ୟକୁ ସମ୍ମାନ ଦେବା ସମସ୍ତଙ୍କ ଅଧିକାର । ପୁଣି ସେ କହିଲେ ପ୍ରକୃତରେ ଡେନିଶ ଲୋକମାନେ ମୁସଲମାନ ଏବଂ ମଧ୍ଯ ଏସିଆରେ ଜାହା ସବୁ ଘଟୁଛି ସେଥିରେ ସେମାନେ ଭୟଭିତ । କିନ୍ତୁ ଆଜିର ସମ୍ମିଳନୀରେ ଆମ୍ଭେ ଅବଗତ ହେଲୁ ଯେ ଏସବୁ ଅଘଟଣ ପଛରେ ହଜରତ ମହମ୍ମଦ ସ.ଆ କିମ୍ୱା ଇସଲାମର କୌଣସି ଦୋଷ ନାହିଁ ବରଂ ନିଜ ସ୍ୱାଥ ହାସଲ କରିବା ପାଇଁ ପ୍ରକୃତ ଶିକ୍ଷାକୁ ବଦଳାଇ ଦିଆଯାଇଛି । ବିଶ୍ୱବିଦ୍ୟାଳୟର ଜଣେ ଛାତ୍ର କହିଲେ କି ତାଙ୍କର ବକ୍ତୃତାର ପ୍ରସଙ୍ଗଗୁଡିକ ବହୁତ ସ୍ପଷ୍ଟ ଥିଲା । ଇସ୍‌ଲାମୀୟ ମୂଲ୍ୟବୋଧ ଯେପରି ପ୍ରକାଶ କରାଗଲା ତାହା ଅତି ସ୍ପଷ୍ଟ ଥିଲା ଏବଂ ଏହା ଏପରି ମୂଲ୍ୟବୋଧ ଯାହା ଆମେ ସମସ୍ତେ ଆପଣେଇବା ଦରକାର । ପୁଣି କହିଲେ ଯେ ଖଲିଫା ମୋ ଉପରେ ଓ ଉପସ୍ଥିତ ସମସ୍ତ ସଭାସଭ୍ୟଙ୍କ ଉପରେ ଆପଣଙ୍କ ବକ୍ତୃତା ଯାହାକି କୋରାନ, ହଦିସ୍ ଓ ଖଲିଫାମାନଙ୍କ ନମୁନା ଉପରେ ଆଧାରିତ ଥିଲା, ପ୍ରମାଣ କରିଦେଲା ଯେ ଇସଲାମ ଏକ ଶାନ୍ତି ପ୍ରିୟ ଧର୍ମ ଅଟେ ଏବଂ ଏହା ସ୍ପଷ୍ଟ କରିଦେଲେ ଯେ, ଜମାଅତ ଅହମଦିୟାର ଲକ୍ଷ କଣ ଏହା ମୋତେ ବେଶ ଭଲ ଲାଗିଲା ଏବଂ ଆଜି ମୋତେ ପ୍ରକୃତ ଇସଲାମ ବୁଝିବାକୁ ସୁଯୋଗ ମିଳିଲା ।

ଆଉ ଜଣେ ଅତିଥି ନିଜ ମତ ବ୍ୟକ୍ତ କରି କହିଲେ ଖଲିଫା ଯେଭଳି ଭାବରେ ଆମ୍ଭ ଯୁବପିଢୀ ଓ ବର୍ତମାନର ସମସ୍ୟା ଚର୍ଚ୍ଚା କରି, କୋରାନର ଶିକ୍ଷା ଅନୁଯାୟୀ ସେଥିରୁ ମୁକ୍ତି ପାଇବାର ବାଟ ଉପସ୍ଥାପନ କଲେ ତାହା ନିଶ୍ଚିତ ରୂପରେ ଉଚ୍ଚ କୋଟିର ଥିଲା । ମୋତେ ଏଥି ସମ୍ବନ୍ଧରେ ଆଜି ପର୍ଯ୍ୟନ୍ତ କୌଣସି ଜ୍ଞାନ ନଥିଲା କି କୋରାନରେ ନ୍ୟାୟ ବିଚାର ସମ୍ବନ୍ଧରେ ଏପରି ଶିକ୍ଷା ରହିଛି । ସେ ଆହୁରି କହିଲେ କି ଇସଲାମ ସମ୍ବନ୍ଧରେ ମୋର ଚିନ୍ତାଧାରା ବର୍ତମାନ ସମ୍ପୂର୍ଣ ରୂପେ ବଦଳି ଯାଇଛି । ପ୍ରଥମେ ମୋତେ କେବଳ ସେତିକି ଜଣାଥିଲା ଯାହାକି ମେଡିଆରୁ ମୁଁ ଶୁଣିଥିଲି । କିନ୍ତୁ ଏବେ ମୁଁ ଅନ୍ୟପଟର ବାସ୍ତବିକତାକୁ ଦେଖିସାରିଲାଣି । ପୁଣି କହିଲେ ଯୁଗ ଖଲିଫା ପବିତ୍ର କୋରାନ୍‌ର ଏକ ଆୟତର ଦୃଷ୍ଟାନ୍ତ ଦେଇଛନ୍ତି । ଯେଉଁଥିରେ ଏହା କୁହାଯାଇଛି ଯେ ସେମାନଙ୍କ ସହିତ ମଧ୍ୟ ନ୍ୟାୟ ହେବା ଉଚିତ୍ ଯେଉଁମାନଙ୍କୁ ମଣିଷ ପସନ୍ଦ କରି ନଥାଏ । ଏହା ଶୁଣି ମୋତେ ଭାରି ଭଲ ଲାଗିଲା କି ପ୍ରାରମ୍ଭରେ ମୁସଲମାନମାନେ ୟହୁଦି ଓ ଖ୍ରୀଷ୍ଟଧର୍ମୀଙ୍କ ସହ ପ୍ରେମ ଓ ଭାତୃଭାବର ସମ୍ପର୍କ ଥିଲା । ଏକଥା ମୋତେ ବେଶ ପ୍ରଭାବିତ କରିଛି ।

ମାନବ କଲ୍ୟାଣ ସଂସ୍ଥା ସହ ଜଡିତ ଏକ ମହିଳା କହିଲେ (ସଂସାରରେ) ଶାନ୍ତି ପ୍ରତିଷ୍ଠା କରିବାର ମାର୍ଗ ଖୁବ କମ୍ ଲୋକଙ୍କୁ ଜଣା । ମେଡିଆ ଭଲ କଥା ପ୍ରଚାର କରିବା ପରିବର୍ତେ କେବଳ ଅପପ୍ରଚାର କରିବାରେ ବ୍ୟସ୍ତ । ଆଜିର ଏହି ଅବସରରେ ଡେନମାର୍କର ସମସ୍ତ ମେଡିଆ ବିଭାଗ ଉପସ୍ଥିତ ହେବା ଉଚିତ୍ ଥିଲା । ସେ କହିଲା ମୁଁ ନିଜ ଦେଶର ଏପରି କାର୍ଯ୍ୟକଳାପ ଯୋଗୁଁ ଦୁଃଖିତ ।

ଆଉ ଏକ ଡେନିଶ ମହିଳା କହିଲେ ମୋତେ ଇସଲାମ ସମ୍ବନ୍ଧରେ କିଛି ଜଣାନଥିଲା କିନ୍ତୁ ଆଜି ମୁଁ ଅନେକ କିଛି ଶିଖିବାକୁ ପାଇଲି ଏହି ଦୃଷ୍ଟିରୁ ଆପଣଙ୍କ ଖଲିଫା ମୋର ଶିକ୍ଷକ ହେଲେ । ମୁଁ ମାନୁଛି ଯେ ଇସ୍‌ଲାମ୍ ଶାନ୍ତିର ଧର୍ମ ଅଟେ । ପୁଣି କହିଲେ କି ମୋର ଆନ୍ତରିକ ଇଚ୍ଛା ଏହା ଯେ ଲୋକମାନେ ତାଙ୍କର (ଖଲିଫାଙ୍କର) ବାର୍ତା ଉପରେ ଧ୍ୟାନ ଦିଅନ୍ତୁ । ସେ ଆହୁରି କହିଲେ କି ଖଲିଫାଙ୍କ ବାର୍ତା ସମଗ୍ର ଡେନମାର୍କରେ ପହଂଚିବା ଉଚିତ୍ । ମୁସଲମାନମାନେ କଠୋର ହୃଦୟୀ ବୋଲି ମୋର ଚିନ୍ତାଧାରା ଆଜି ଭୂଲ ପ୍ରମାଣିତ ହୋଇଛି ଏବଂ ମୁଁ ଏପରି ଚିନ୍ତାଧାରା ପୋଷଣ କରିଥିବାରୁ ବହୁତ ଲଜ୍ୟା ଅନୁଭବ କରୁଛି । ଅଧିକାଂଶ ସେମାନଙ୍କ ମଧ୍ୟରୁ ଭଲଲୋକ କିନ୍ତୁ (Media) ଗଣମାଧ୍ୟମ ଆମ ମୁଣ୍ଡରେ ଏପରି ଭରିଦେଇଛନ୍ତି । ପୁଣି କହିଲେ ମୋ ସ୍ୱାମୀ ଆଜି ମତେ ଏଠାକୁ ଆସିବା ପାଇଁ ମନା କରୁଥିଲେ । କାରଣ ତାଙ୍କୁ ଲାଗୁଥିଲା ଏଠି କୌଣସି ଆକ୍ରମଣ ହୋଇପାରେ ବା କୌଣସି ଆତ୍ମଘାତି ଆକ୍ରମଣ ହୋଇଯିବ ବୋଲି । କିନ୍ତୁ ମୁଁ ତାଙ୍କୁ ଏଠାକୁ ଆଣିବା ପାଇଁ ବାଧ୍ୟ କଲି କାରଣ ମୋର ଜିଜ୍ଞାସା ଥିଲା । ଏବେ ମୁଁ ବହୁତ ଖୁସି ଯେ ସେ ଆସିଗଲେ (ସ୍ୱାମୀ, ସ୍ତ୍ରୀ ଦୁଇଜଣଯାକ ଆସିଥିଲେ) । ସେ ବହୁତ ଭାବ ବିହ୍ୱଳ ହୋଇ କହିଲେ ଯେ ମୁଁ ତ ଏହା କହିବି ଯେ ଯେଉଁମାନେ ନିମନ୍ତ୍ରଣ ପାଇଁ ମଧ୍ୟ ଆସିଲେ ନାହିଁ ସେମାନେ ନିର୍ବୋଧ ଅଟନ୍ତି ।

ଜଣେ ଡେନିଶ ନେତା କହିଲେ ଏହା ମୋର ପ୍ରଥମ ଅବସର ଥିଲା । ଯେଉଁଠି ମୁଁ ଖଲିଫାଙ୍କ ସହିତ ସାକ୍ଷାତ କଲି । ତାଙ୍କ ସହିତ ସାକ୍ଷାତ୍ କରିବା ପରେ ମୋର ଯେଉଁ ଅଭିଜ୍ଞତା ହେଲା ତାହା ଏପରିକି ଯାହା ଅନ୍ୟ ମୁସଲ୍‌ମାନଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ ଅଟେ । ସେ କହିଲେ ଆପଣଙ୍କ ଇମାମ୍ ଇସ୍‌ଲାମ୍ ସମ୍ବନ୍ଧରେ ଏପରି କଥା କହୁଛନ୍ତି ଯାହା ଅନ୍ୟ ଆରବୀୟ ମୁସଲ୍‌ମାନମାନେ କହୁନାହାଁନ୍ତି, ଯେଉଁମାନଙ୍କ ସହିତ ମୁଁ ମିଶିଛି । ଖଲିଫା ବେଶ ସ୍ପଷ୍ଟ ଭାବରେ ଦର୍ଶାଇଦେଇଛନ୍ତି ଯେ ଇସଲାମ ଧର୍ମ ସମସ୍ତଙ୍କୁ ସ୍ୱାଧିନତା ପ୍ରଦାନ କରିଛି । ସଂସାରବାସୀଙ୍କୁ ଖଲିଫାଙ୍କର ସନ୍ଦେଶ ଶୁଣିବା ଆବଶ୍ୟକ ଏବଂ ତାଙ୍କ ବାର୍ତା ଦୂରଦୂରାନ୍ତର ଅଂଚଳ ପର୍ଯ୍ୟନ୍ତ ପହଂଚିବା ଉଚିତ । ଆପଣମାନଙ୍କର ଜମାଅତ ଛୋଟ ହୋଇପାରେ କିନ୍ତୁ ଅପଣଙ୍କର ବାର୍ତା ବେଶ ଉଚ୍ଚ କୋଟିର । ପୁଣି କହିଲେ ଏହି ସଭା ବହୁତ ଜ୍ଞାନବର୍ଧକ ଥିଲା । ଉଦାହରଣ ସ୍ୱରୂପ ମୁଁ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ଓ ଏବଂ ପବିତ୍ର କୋରାନ୍ ବିଷୟରେ ବହୁତ ଶିକ୍ଷା ଗ୍ରହଣ କଲି ଯେପରି ଆପଣ ସ:ଆ:ସ ଖ୍ରୀଷ୍ଟୀଆନ୍‌ମାନଙ୍କୁ ନିଜ ମସ୍‌ଜିଦ୍‌ରେ ଉପାସନା କରିବା ପାଇଁ ଅନୁମତି ଦେଲେ ଏବଂ ଆପଣ ସ:ଆ:ସ ପ୍ରତ୍ୟେକ (Anti Semitism) ୟହୁଦୀ ବିରୋଧୀର ଖିଲାଫ୍ ଥିଲେ । ଆମେରିକା Embassy ର ପ୍ରତିନିଧି କହିଲେ ଯେ ଖଲିଫା ଇସ୍‌ଲାମ୍‌ର ପ୍ରକୃତ ରୂପ ଆମକୁ ଦେଖାଇଲେ ଲୋକମାନେ ପ୍ୟାରିସ୍ ଓ ବ୍ରିସିଲ୍‌ସ ଉପରେ ଆକ୍ରମଣ ହେବାପରେ ଭୟ କରିଯାଇଥିଲେ କିନ୍ତୁ ଖଲିଫା ସ୍ପଷ୍ଟ କରିଦେଲେ ଯେ ଏହି ସନ୍ତ୍ରାଶବାଦୀ ଆକ୍ରମଣର ଇସ୍‌ଲାମ୍ ସହିତ କୌଣସି ସମ୍ପର୍କ ନାହିଁ । ଇସ୍‌ଲାମ୍ ଏକ ଶାନ୍ତି ଓ ବିଜ୍ଞତାର ବାର୍ତା ଅଟେ । ମୁଁ ରାଜଦୂତଙ୍କୁ ସବୁ ପ୍ରସଙ୍ଗ ଗୁଡିକୁ ଯାହା ଖଲିଫା ବର୍ଣ୍ଣନା କରିଲେ କହିବି ଏବଂ ସେହି ସଙ୍ଗିନ ବିଷୟବସ୍ତୁଗୁଡିକ ମଧ୍ୟ କହିବି ଯାହା ଖଲିଫା ତାଙ୍କ ବକ୍ତବ୍ୟରେ ରଖିଥଲେ । ଅର୍ଥାତ୍ ନିଜର ରାୟ ଦେବାର ସ୍ୱାଧୀନତା ବିଷୟରେ ଓ ଆଜିକାଲି ଲୋକମାନେ ନିଜ ଭିତରେ ସୁସମ୍ପର୍କ ସ୍ଥାପନ କରିବାରେ ଜରୁରତ୍ ବିଷୟରେ ଜଣେ ଡେନିଶ ଅତିଥି ଯେ କି ଶିକ୍ଷୟତ୍ରୀ ଭାବରେ କାର୍ଯ୍ୟରତ । ସେ କହିଲେ ଆଜି ମୁଁ ଇସଲାମ ସମ୍ବନ୍ଧରେ ବହୁତ କିଛି ଶିଖିବାକୁ ପାଇଲି ଓ ଆଜି ଜାହା କିଛି ମୁଁ ଶିଖିଲି ସେସବୁ ମୋ ଛାତ୍ରମାନଙ୍କୁ ଯାଇ ଶିଖାଇବି । ଆମ୍ଭକୁ ଇସଲାମକୁ ନୁହେଁ ବରଂ ଆତଙ୍କବାଦ ଓ କଠୋର ମନଭାବନାକୁ ମୂଳପୋଛ କରିବାକୁ ହେବ । ଇସଲାମ ଓ ଆତଙ୍କବାଦ ପରସ୍ପର ଠାରୁ ଭିନ୍ନ ଅଟେ ।

ସେ କହିଲେ କି ମୁଁ ଭାବୁଥିଲି କି ମୁଁ ଇସ୍‌ଲାମ୍ ବିଷୟରେ ବହୁତ କିଛି ଜାଣିଛି ବୋଲି କିନ୍ତୁ ପ୍ରକୃତରେ ମୁଁ କିଛି ଜାଣିନାହିଁ । ଉଦାହରଣ ସ୍ୱରୂପ ମୁଁ ଜାଣିନଥିଲି ଯେ ନବୀ କରିମ୍ ସ:ଆ:ସ ଖ୍ରୀଷ୍ଟିଆନ୍ ଓ ୟହୁଦୀଙ୍କ ସହିତ ଉତମ ବ୍ୟବହାର କରୁଥିଲେ ବୋଲି । ଏହି କଥାଟିରେ ମୁଁ ଭାବପ୍ରବଣ ହୋଇଗଲି । ତାଙ୍କର ବକ୍ତୃତା ବହୁତ ସନ୍ତୁଳିତ ଥିଲା । କିଛି ମୁସଲ୍‌ମାନ ଏବଂ କିଛି ଅଣ ମୁସଲମାନ୍ ଯେଉଁମାନେ କୁକର୍ମରେ ଲିପ୍ତ ଅଛନ୍ତି, ସେମାନଙ୍କୁ ସେ ଭର୍ତ୍ସନା କଲେ ।

ଜଣେ ଅତିଥି କହିଲେ ବକ୍ତୃତା ଯେଉଁ ପ୍ରକାର ଉପସ୍ଥାପନ କରାଗଲା ତାହା ମୁଁ ଦେଖିଛି । ଆପଣ ଅନ୍ୟ ବକ୍ତାଙ୍କ ବକ୍ତବ୍ୟ ମଧ୍ୟ ବହୁତ ଧ୍ୟାନର ସହିତ ଶୁଣୁଥିଲେ । ପୁଣି କହିଲେ ଯେ ତୃତୀୟ ବିଶ୍ୱଯୁଦ୍ଧ ବିଷୟରେ ଆପଣଙ୍କ ବାର୍ତା ବହୁତ ହୃଦୟସ୍ପର୍ଷି ଥିଲା । ତାହା ଶୁଣି ମୁଁ ଟିକିଏ ଭୟଭିତ ହୋଇଥିଲି କିନ୍ତୁ ଆପଣଙ୍କ ବକ୍ତୃତା ପରେ ଏକ ପ୍ରକାର ଶାନ୍ତି ମିଳିଲା ।

ମାଲମୁଠାରେ ୧୪୦ରୁ ଅଧିକ ସ୍ୱୀଡନ ଅତିଥି ଯୋଗ ଦେଇଥିଲେ । ମସଜିଦର ଉଦଘାଟନ ଉତ୍ସବରେ ରାଜ୍ୟ ସଭା ସଭ୍ୟ, ମାଲମୁ ସହରର ମେୟର, ପୋଲିସ ଅଧ୍ୟକ୍ଷ, ସିଟି ଚର୍ଚ୍ଚ୍‌ର ପ୍ରତିନିଧି,ବିଶ୍ୱ ବିଦ୍ୟାଳୟର ଅଧ୍ୟାପକ ସହ ବିଭିନ୍ନ ବିଭାଗ ସହ ଜଡିତ ଲୋକମାନେ ଉପସ୍ଥିତ ଥିଲେ ।

ଜଣେ ୟହୁଦି ଅତିଥି କହିଲେ ଆଜିର ଦିନ ମୋ ପାଇଁ ବେଶ ଶିକ୍ଷଣୀୟ ଥିଲା କାରଣ ମୁଁ ଆଜି ଇସଲାମ ସମ୍ବନ୍ଧରେ ବହୁତ କିଛି ଶିଖିବାକୁ ପାଇଲି । କହିଲେ ଯେ ଏ ସଂସାରରେ ଇସ୍‌ଲାମ୍ ସମ୍ପର୍କରେ ବହୁତ ନକାରାତ୍ମକ ତଥା କୁହାଯାଇଛି ଏବଂ ଆମେ ସବୁ ମୁସଲ୍‌ମାନଙ୍କ କଠୋର ପନ୍ଥି କାର୍ଯ୍ୟକଳାପ ଦ୍ୱାରା ଭୟଭିତ ଅଛୁ ତେଣୁ ମୁଁ ଏକ ମୁସଲମାନ ନିର୍ଦ୍ଦେଶକଙ୍କ ଠାରୁ ଏପରି ପ୍ରେମର ବାର୍ତା ଶୁଣି ଆଚମ୍ବିତ । କହିଲେ ଖଲିଫା ମତେ ଏପରି ବିଶ୍ୱାସ ଦେଲେ ଯେମିତି ମୁସଲ୍‌ମାନ୍ ଆମର ଭାଇ ଅଟନ୍ତି । ଏତଦ୍‌ଦ୍ୱାରା ମୋ ମନରେ ପାଲେଷ୍ଟାଇନ୍ ପାଇଁ ଦୟା ଭାବ ଆସିଲା ଏବ ମନରେ ଏପରି ଭାବନା ଆସିଲା ଯେ ବୋଧହୁଏ ଏମାନଙ୍କ ମଧ୍ୟରୁ ସମସ୍ତେ ଖରାପ ନୁହଁନ୍ତି । ଯାହାହେଉ ନିଜ ଭୁଲ୍ ତ କେହି ମାନନ୍ତି ନାହିଁ । କିନ୍ତୁ ସେ ଏହା ସ୍ୱୀକାର କଲେ ଯେ ଆମକୁ ଦୟାଭାବ ପୋଷଣ କରିବା ଉଚିତ୍ ।

ଜଣେ ମହିଳା ଯେ କି ଖ୍ରୀଷ୍ଟଧର୍ମୀ ପ୍ରିଷ୍ଟ ଭାବରେ ଡାକ୍ତରଖାନାରେ କାର୍ଯ୍ୟରତ । ସେ କହିଲେ କହିଲେ କି ମୋ ଧାରଣା ସମ୍ପୂର୍ଣ୍ଣ ଠିକ୍ ଅଟେ ଯେ ଏଠି ମାଲ୍ ମୋ ସହରରେ ଏବଂ ୟୁରୋପ୍‌ରେ ଲୋକମାନେ ମୁସଲ୍‌ମାନ୍ ଓ ମସ୍‌ଜିଦ୍‌କୁ ବହୁତ ଡରୁଛନ୍ତି । କିନ୍ତୁ ଖଲିଫା ଆମକୁ ନିଜର କର୍ତବ୍ୟ ସମ୍ପାଦନା ଓ ଶାନ୍ତି ପ୍ରତିଷ୍ଠା ପାଇଁ ଲୋକଙ୍କର ଦାୟିତ୍ୱ ସମ୍ବନ୍ଧରେ ବହୁତ ଗୁରୁତ୍ୱପୂର୍ଣ୍ଣ କଥା କହିଲେ । ସେ ଆମକୁ ମସ୍‌ଜିଦ୍‌ର ଲକ୍ଷ ବିଷୟରେ କହିଲେ । ମୁଁ ବିଶ୍ୱାସ ରଖୁଛି ଯେ ସେ ଅନ୍ୟଙ୍କୁ ମଧ୍ୟ ଏହି ଲକ୍ଷ ବିଷୟରେ ବୁଝାଇଦେଇ ସଫଳ ହେବେ । ମୋର

ହୃଦ୍‌ବୋଧ କରାଇଦେଲେ-ମସ୍‌ଜିଦ୍‌ର ଲକ୍ଷ ବିଷୟରେ ଏହି ପ୍ରସଙ୍ଗ ବହୁତ ଜରୁରୀ ଥିଲା ଏବଂ ଏହାର ପ୍ରତ୍ୟେକ ଶବ୍ଦ ଅର୍ଥବୋଧକ ଏବଂ ଗଭୀର ଥିଲା । ପୁଣି କହିଲେ କି ଖଲିଫା ବାର୍ତ୍ତା ଦେଲେ ଯେ ଜଣେ ଅନ୍ୟକୁ ଭୟ କରିବାର ନାହିଁ ବରଂ ଏକ ଆରେକକୁ ବୁଝିବା ଦରକାର ଏବଂ ନିଜର ଭାବନାକୁ ଆଦାନ ପ୍ରଦାନ କରିବା ଉଚିତ୍ । ପୁଣି କହିଲେ ବାସ୍ତବିକତା ଏହା ଅଟେ ଯେ ଆପଣଙ୍କ ଖଲିଫାଙ୍କ ବକ୍ତବ୍ୟ ମୋତେ ଆନ୍ଦୋଳିତ କରିଦେଇଛି । ମୁଁ ବହୁତ ଭାବବିହ୍ୱଳ କାରଣ ଆଜି ପ୍ରଥମ ଥର ପାଇଁ ଜଣେ ମୁସଲମାନ ଦଳପତିଙ୍କୁ ଶାନ୍ତି ପ୍ରତିଷ୍ଠା ନିମନ୍ତେ କହିବାର ଶୁଣିଲି ଏବଂ ସେ ମୋତେ କହିଲେ ଯେ ଇସଲାମ ଏକ ମାନବ ସେବାକାରୀ ଧର୍ମ ଅଟେ । ତାଙ୍କ ବକ୍ତୃତାର ସବୁଠାରୁ ଉତକୃଷ୍ଟତର ଭାଗ ମଣିଷର ନିଜ ସୃଷ୍ଟିକର୍ତ୍ତାଙ୍କୁ ଚିହ୍ନିବା ଏବଂ ତାଙ୍କ ଉପରେ ଦୃଢ ବିଶ୍ୱାସ ରଖିବା ପଦଟି ଥିଲା । ମୋର ଚିନ୍ତାଧାରା ମଧ୍ୟ ଠିକ୍ ଏଥି ମୁତାବକ ଅଟେ । ମାଲମୁ ସହରର ମେୟର ଶ୍ରୀମାନ ଆଣ୍ଡରସନ ସାହେବ କହିଲେ ଏହି ମସଜିଦକୁ ଆମେ ଏହି ସହରର ଶାନ୍ତି ପ୍ରତିଷ୍ଠା ଓ ଏକତ୍ରିକରଣର ଦୃଷ୍ଟାନ୍ତ ମନେକରୁଛୁ ।

ଜଣେ ଲେଖକ କହିଲେ ବଡ ଆଶ୍ଚର୍ଯ୍ୟର କଥା ଯେ ମସଜିଦର ସମସ୍ତ ଖର୍ଚ୍ଚ ଜମାଅତର ସଦସ୍ୟମାନେ ବହନ କରିଛନ୍ତି । ଅନ୍ତତଃ ଏହା ମୋ ପାଇଁ ଆଶ୍ଚର୍ଯ୍ୟ ଦାୟକ କାରଣ ଏହା ଛୋଟ ରାଶି ନୁହେଁ ବରଂ ୩୦ କୋଟି କ୍ରୋନର'ର ବୃହତ ରାଶି ଅଟେ । ପୁଣି କହିଲେ ଯେ ଆପଣମାନେ ସବୁ କାମ ନିଜେ କଲେ ବହୁତ ବଡ଼ ସଫଳତା । ମୁଁ ବହୁତ ପ୍ରଭାବିତ ହୋଇଛି । ପୁଣି କହିଲେ ମୁଁ ସନ୍ତ୍ରାସବାଦ, ଜୁଲମ ଓ ଅତ୍ୟାଚର ଦେଖିଛି କିନ୍ତୁ ଆପଣମାନେ ସେମାନଙ୍କଠାରୁ ଭିନ୍ନ । ସେ ନିଜ ସହିତ ଘଟିଥିବା ଘଟଣା ଶୁଣାଇଲେ । କହିଲେ ବହୁତ ଦିନ ପୂର୍ବେ ମୁଁ ଗୋଟିଏ ସୁପର ମାର୍କେଟ୍‌କୁ ଯାଇଥିଲି । ସେଠି ଜଣେ ମତେ ପଚାରିଲେ ଯେ ତୁମେ କଣ ମୁସଲମାନ ଅଛ ? ପ୍ରତି ଉତରରେ ମୁଁ କହିଲି ନୁହେଁ, ମୁଁ ମୁସଲମାନ୍ ନୁହେଁ, ଖ୍ରୀଷ୍ଟିଆନ୍ ଅଛି । ସେ କହିଲେ ଯଦି ତୁମେ ଖ୍ରୀଷ୍ଟିଆନ୍ ଅଛ ତେବେ ନର୍କକୁ ଯାଅ । ସେ କହିଲେ ମୁସଲମାନଙ୍କର ଏପରି ଭାବନା । କିନ୍ତୁ ଆପଣମାନଙ୍କର ଭାବନା ସମ୍ପୂର୍ଣ୍ଣ ଅଲଗା । ଉପରୋକ୍ତ କଥା ଅହେମଦୀଙ୍କ ନିକଟରେ ଦିଶେ ନାହିଁ ।

ଜଣେ ଅତିଥି ଯେ କି ମାଲମୋ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଅଟନ୍ତି କହିଲେ ଖଲିଫାଙ୍କ ବକ୍ତୃତା ପୂର୍ଣ୍ଣ ପ୍ରଭାବଶାଳୀ ଥିଲା କାରଣ ତାହା ପ୍ରେମ, ଶାନ୍ତି, ସଦ୍‌ଭାବନା ଏବଂ ବିଶ୍ୱଭାତୃଭାବ ପ୍ରତିଷ୍ଠା ଉପରେ ଆଧାରିତ ଥିଲା ।

ଏହିପରି ମାଲମୋ ଲୁଣ୍ଡ ବିଶ୍ୱବିଦ୍ୟାଳୟରେ ଇସଲାମ ଶିକ୍ଷା ବିଭାଗର ଅଧ୍ୟାପକ କହିଲେ ଖଲିଫାଙ୍କ ବାର୍ତ୍ତା ବେଶ ହୃଦୟସ୍ପର୍ଶୀ ଏବଂ ପ୍ରଭାବଶାଳୀ ଥିଲା । ବକ୍ତୃତା ଶେଷ ହେବା ପରେ ମଧ୍ୟ ଲୋକମାନେ ବକ୍ତୃତା ବିଷୟରେ ନିଜ ନିଜ ମଧ୍ୟରେ ଚର୍ଚ୍ଚା କରୁଥିଲେ ଏବଂ ସମସ୍ତେ ଏଥିରେ ପ୍ରଭାବିତ ହେବାର ଜଣାପଡୁଥିଲା । କିଛି ଲୋକ ଏହି ବକ୍ତୃତାର ନକଲ ପାଇବାକୁ ଚେଷ୍ଟା କଲେ । କହିଲେ ସମସ୍ତେ ଏଠି ଏକାଠି ଉପସ୍ଥିତଥିଲେ । ଯେଉଁ ବ୍ୟକ୍ତି ଏଠି ପରସିନିଓଁ ପ୍ରଥମ ମସ୍‌ଜିଦ୍ ଗଢ଼ିଥିଲେ ସେ ମଧ୍ୟ ଉପସ୍ଥିତ ଥିଲେ । ଯହୁଦୀମାନେ ମଧ୍ୟ ଏହି ସଭାରେ ଥିଲେ, ଖ୍ରୀଷ୍ଟିଆନ୍‌ମାନେ ଥିଲେ ଏବଂ ଅନ୍ୟାନ୍ୟ ଧର୍ମର ଲୋକ ମଧ୍ୟ ଥିଲେ ।

ସ୍ୱୀଡେନ୍ ସଂସ୍ଥାର Church of Centalogy ସୂଚନା ବିଭାଗର ମୁଖ୍ୟ ମଧ୍ୟ ଆସିଥିଲେ । ସେ କହିଲେ ଖଲିଫା ନିଜ ଅଭିଭାଷଣରେ କହିଲେ, ବଡ ଲକ୍ଷ ହାସଲ କରିବା ପାଇଁ ନିଜର କାମନା ଓ ସ୍ୱାର୍ଥକୁ ଏକ ତରଫା କରିଦେବା ଉଚିତ୍, ଏହି ଉକ୍ତିଟି ମୋତେ ବେଶ ଭଲ ଲାଗିଲା ।

ଜଣେ ସ୍ୱୀଡେନ୍ ନିବାସୀ ବନ୍ଧୁ ଜାହାଙ୍କ ପିତାମାତା ପୋଲିସ ବିଭାଗରେ କାର୍ଯ୍ୟରତ, କହିଲେ ଖଲିଫାଙ୍କ ବକ୍ତୃତା ସମସ୍ତ ଦିଗରୁ ସମ୍ପୂର୍ଣ୍ଣ ଥିଲା ଯେଉଁଥିରେ ଶାନ୍ତି ଏବଂ ପରସ୍ପରକୁ ସାହାର୍ଯ୍ୟ କରିବାର ବାର୍ତ୍ତା ଥିଲା । ଏଥିରେ ଶାନ୍ତି ଓ ଅନ୍ୟଙ୍କୁ ସାହାଯ୍ୟ କରିବାର ବାର୍ତ୍ତା ଥିଲି । ସେ ଆଫ୍ରିକା ବିଷୟରେ ଏବଂ ଆଫ୍ରିକାରେ ଯେଉଁ ସ୍କୁଲ ଏବଂ ଅନ୍ୟାନ୍ୟ ସୁବିଧା ଯାହା ଯୋଗାଇ ଦିଆଯାଉଛି ସେ ବିଷୟରେ ମଧ୍ୟ ଚର୍ଚ୍ଚା କଲେ । ସେ କହିଲେ ଏଠାକାର ଅଧିକାଂଶ ଲୋକ ନାସ୍ତିକବାଦୀ କିନ୍ତୁ ମୁଁ ଈଶ୍ୱର ବିଶ୍ୱାସୀ ଅଟେ । ଏଥିପାଇଁ ମୁଁ ଗର୍ବିତ ଯେ ଏଠାକୁ ଏପରି ଏକ ବ୍ୟକ୍ତିତ୍ୱ ଆସିଛନ୍ତି ଯେ ଦୃଢ ଈଶ୍ୱର ବିଶ୍ୱାସୀ ଅଟନ୍ତି । ବକ୍ତୃତା ଶୁଣିବା ପରେ ମୁଁ ଏବେ ଇସ୍‌ଲାମ୍‌ଠାରୁ ଭୟଭିତ ନୁହେଁ, ବରଂ କେବଳ କଠୋରପନ୍ଥିଙ୍କୁ ଡ଼ରୁଛି । ମୁଁ ଖୁବ୍ ଜାଣିନେଲି ଯେ ଏ ଦୁଇଟି ଅଲଗା ଅଲଗା ଅଟେ ।

ପୁଣି ଜଣେ ମୁସଲମାନ ଆଜିର ହୁସେନ୍ ଅବ୍‌ଦୁଲ୍ଲାଃ ସାହେବ ଯିଏ ୟୁଗୋସ୍ଲୋଭିଆର ଥିଲେ । ସେ କହିଲେ ଖଲିଫାଙ୍କ ବାର୍ତ୍ତା ମୋ ମନକୁ ଛୁଇଁଗଲା ଏବଂ ମୁଁ ତାଙ୍କର ପ୍ରତ୍ୟେକ କଥା ଉପରେ ବିଶ୍ୱାସ ରଖୁଛି । ଖଲିଫା ଇସ୍‌ଲାମ୍‌ର ଏପରି ସୁରକ୍ଷା କଲେ ଯାହା ଅନ୍ୟ ମୁସଲ୍‌ମାନ କରିପାରୁନାହାନ୍ତି । ସମସ୍ତଙ୍କୁ ସମ୍ମାନ ଓ ଅନ୍ୟମାନଙ୍କୁ ସାହାଯ୍ୟ କରିବା ପାଇଁ ଯୋର୍ ଦେଇ କହିଲେ କି ଏହା ଇସ୍‌ଲାମ୍‌ର ଶିକ୍ଷା ଅଟେ ଯେ ଆମେ ଅଭାବି ଲୋକଙ୍କର ସାହାଯ୍ୟ କରିବା । କହିଲେ ଏବେ ମୁଁ ଯମାତ୍ ଅହେମଦୀୟା ପାଇଁ ଗର୍ବ ଅନୁଭବ କରୁଛି । ଲୋକଙ୍କର ଇସ୍‌ଲାମ୍ ସମ୍ବନ୍ଧରେ ଯେଉଁ ଖରାପ ଧାରଣା ଅଛି ତାକୁ ଦୂର କରିବା ସହଜ କଥା ନୁହେଁ କିନ୍ତୁ ଖଲିଫା ଏହି କାର୍ଯ୍ୟରେ ସମସ୍ତଙ୍କଠୁ ଆଗରେ ଅଛନ୍ତି ।

ଜଣେ ସ୍ୱୀଡେଶ ଅତିଥି ନିଜ ମତ ପ୍ରକାଶ କରି କହିଲେ ଆଜିର ସନ୍ଧ୍ୟା ମୋତେ ବେଶ ପ୍ରଭାବିତ କରିଛି ଏବଂ ଆଜି ମୁଁ ଜାଣିଲି ଯେ ଇସଲାମର ଅର୍ଥ କଣ । ଖଲିଫା କିଛି କ୍ଷଣରେ ଅନେକ ବିଷୟର ଚର୍ଚ୍ଚା କରି ଇସଲାମର ବିରୋଦ୍ଧରେ ମୁଣ୍ଡ ଟେକୁଥିବା ଅପପ୍ରଚାରର ପ୍ରତିରୋଦ୍ଧ କଲେ ଯାହା ଆଗରୁ ମୁଁ କଦାପି ଶୁଣି ନଥିଲି । କହିଲେ ଖଲିଫା ଏହା ମଧ୍ୟ କହିଲେ ଯେ କିଛି ମୁସଲ୍‌ମାନ ଖରାପ ଅଛନ୍ତି କିନ୍ତୁ ସେ ପବିତ୍ର କୋରାନ୍‌ର ଦୃଷ୍ଟାନ୍ତ ଦେଇ ପ୍ରମାଣ କରିଲେ ଯେ ଏପରି ମୁସଲ୍‌ମାନ କୋରାନ୍ ଶିକ୍ଷାର ବିପରୀତରେ କାର୍ଯ୍ୟ କରୁଛନ୍ତି ।

ଏ ସମ୍ବନ୍ଧରେ ଜଣେ ରାଜନୈତିଜ୍ଞ ନିଜ ବକ୍ତୃତାରେ କହିଲେ ଯେ ଆପଣଙ୍କଠାରୁ ଜଣେ ଜଣେ ପ୍ରକୃତ ମୁସଲମାନ୍ ଶାନ୍ତି ପାଇପାରିବ ଏବଂ ମୁଁ ଯେତେବେଳେ ସଭାରେ ଥିଲି ମୁଁ ପ୍ରକୃତରେ ଶାନ୍ତି ଅନୁଭବ କରୁଥିଲି ।

ଜଣେ ପାଦ୍ରୀ କହିଲେ ମୁଁ ଆପଣଙ୍କ ଖଲିଫାଙ୍କ ପ୍ରତ୍ୟେକ କଥାରେ ଏକମତ । ବିଶେଷ କରି ତାଙ୍କର ଈଶ୍ୱରଙ୍କୁ ମନେ ରଖିବା କଥା ଏବଂ ଏହା ଧର୍ମର ମୂଳମନ୍ତ୍ର କଥାଟି ମୋତେ ପସନ୍ଦ ଆସିଲା । ଏତତ୍ ବ୍ୟତୀତ ପ୍ରାରମ୍ଭରେ ତାଙ୍କର କୋରାନ ପାଠ କରିବାରେ ପୂର୍ଣ୍ଣ ଅଧ୍ୟାତ୍ମିକତା ଝଲକୁ ଥିଲା ଏବଂ ତାହା ମୋତେ ଆନ୍ଦୋଳିତ କରିଦେଇଛି । ଜଣେ ଅତିଥି କହିଲେ ମତେ ଆଜି ଏପରି ଲାଗୁଛି ଯେପରି ମୁଁ ଆଉ କେଉଁ ସଭାରେ ଅଛି । ବିଷୟ ବସ୍ତୁର ସାରମର୍ମ ଏହା ଥିଲା ଯେ ଜଣେ ଅନ୍ୟର ଯତ୍ନ ନେବେ ବିଶେଷ କରି ସେମାନଙ୍କର ଯେଉଁମାନେ ଦୁର୍ବଳ ଓ ଅଭାବି ଅଟନ୍ତି । ପୁଣି କହିଲେ ଖଲିଫା ପବିତ୍ର କୋରାନ୍‌ରୁ ପ୍ରମାଣ କଲେ ଯେ ଧର୍ମ ହୃଦୟ ସହିତ ଜଡ଼ିତ । ସେ ନିଜେ ସନ୍ତୁଷ୍ଟ କଲେ ଏବଂ ମତେ ବିଶ୍ୱାସ ଯେ ଯେଉଁମାନେ ଏଠି ଉପସ୍ଥିତ ଥିଲେ ସମସ୍ତଙ୍କୁ ଲାଭ ମିଳିଥିବ ।

ଜଣେ ସ୍ୱୀଡ଼େଶ ଅତିଥି କହିଲେ ଯେ ଇସ୍‌ଲାମ୍ ସମ୍ବନ୍ଧରେ ବହୁତ କିଛି ଶିଖିଲି । ଗଣମାଧ୍ୟମ ଯେପରି ଚର୍ଚ୍ଚା କରୁଛି ଯେ ଇସ୍‌ଲାମ୍ ଧର୍ମ ଉକ୍ରତାର ଧର୍ମ ବୋଲି । କିନ୍ତୁ ଆଜି ତା'ର ବିପରୀତ ଶୁଣିବାକୁ ମିଳିଲା । ଖଲିଫା ଆମକୁ ସାନ୍ତ୍ୱନା ଦେଲେ ଏବଂ ଆମର ଭୟ ଦୂର କଲେ ଏବଂ ପ୍ରଣାମ କଲେ ଯେ ନବୀ କରିମ୍ ସ:ଆ:ର ଶାନ୍ତିପ୍ରିୟ ଥିଲେ । ପୁଣି ଜଣେ ଅତିଥି କହିଲେ ଖଲିଫାଙ୍କର ବାର୍ତ୍ତା ଶାନ୍ତି, ପରୋପକାର ଓ ସହାନୁଭୂତିର ବାର୍ତ୍ତା ଥିଲା । ଆପଣଙ୍କର ଏହି ଶିକ୍ଷା କି ଆମକୁ ସମସ୍ତଙ୍କ ସହିତ କୌଣସି ବାଦ ବିବାଦ ନକରି ପ୍ରେମ କରିବା ଉଚିତ୍ ଏହା ମୋର ହୃଦୟକୁ ସ୍ପର୍ଶ କରିଥିଲା । ପୁଣି ଏହା ଶୁଣିବାକୁ ବହୁତ ଭଲ ଲାଗିଲା ଯେ ଇସ୍‌ଲାମ୍ ପଡ଼ୋଶୀଙ୍କ ହକ୍ ବିଷୟରେ ଶିକ୍ଷା ଦେଇଛି ।

ହଜୁର ଅନଓର ଅ.ବ କହିଲେ ଏହିପରି ଅନେକ ଅତିଥିଙ୍କର ମନ୍ତବ୍ୟ ରହିଛି । ବୌଦ୍ଧ ଧର୍ମୀ ଓ ଖ୍ରୀଷ୍ଟ ଧର୍ମୀ ସମସ୍ତେ ଏକ ଶ୍ୱରରେ କହିଲେ କି ଇସଲାମର ଶିକ୍ଷା ଓ ହଜରତ ମହମ୍ମଦ ସ.ଆ ଙ୍କ ଚରିତ୍ର ନିଶ୍ଚିତ ରୂପେ କଠୋର ମନୋଭାବୀଙ୍କ ବିପରୀତ ଅଟେ ।

ଜଣେ ସାଂସାଦ କହିଲେ ଖଲିଫାଙ୍କୁ ପ୍ରତ୍ୟେକ ସ୍ଥାନରେ ଇସଲାମର ପ୍ରତିନିଧିତ୍ୱ କରିବା ଉଚିତ୍ ଏବଂ ଲୋକମାନଙ୍କୁ ତାଙ୍କ କଥା ଶୁଣିବା ଉଚିତ୍ । ଆଜି ଏଠାରେ ଯେଉଁମାନଙ୍କ ମନରେ ଇସଲାମ ପ୍ରତି କୌଣସି ପ୍ରକାରର ଭୟ ଥିବ ତାହା ନିଶ୍ଚିତ ରୂପେ ଦୂରିଭୂତ ହୋଇଯାଇଥିବ ।

ଖୁତବାର ଶେଷରେ ହଜୁର ଅନଓର ଅ.ବ କହିଲେ-ଅଲ୍ଲାଃଙ୍କ କୃପାରୁ ରେଡିଓ, ଟେଲିଭିଜନ ଏବଂ ଖବରକାଗଜ ମାଧ୍ୟମରେ ଲକ୍ଷ ଲକ୍ଷ ଲୋକଙ୍କ ନିକଟରେ ଆମର ସନ୍ଦେଶ ପହଂଚିଲା ପୁଣି କହିଲେ କି ଜଣେ ଅତିଥି କହିଲେ ଏହି ବକ୍ତୃତାକୁ ଅଷ୍ଟ୍ରିଆର ଲୋକମାନଙ୍କୁ ଦେବା ଉଚିତ୍ । କାରଣ ସେହି ଦେଶ ଗୁଡିକରେ ଲୋକମାନେ ଇସ୍‌ଲାମ୍‌ର ଘୃଣା ଓ ଇସ୍‌ଲାମ୍‌ର ଭୟରେ ପାଗଳ ହୋଇଗଲେଣି । ସେମାନଙ୍କୁ ଏହି ବକ୍ତୃତାର ନିହାତି ଦରକାର ଯଦ୍ୱାରା ସେମାନେ ଇସ୍‌ଲାମ୍‌କୁ ଏକ ଶାନ୍ତିର ଧର୍ମ ରୂପେ ଜାଣିପାରିବେ । ମସ୍‌ଜିଦ୍‌ର ଲକ୍ଷ ବିଷୟରେ ଖଲିଫା ବହୁତ ସୁନ୍ଦର ଭାବେ ବୁଝେଇଲେ ଏବଂ କହିଲେ ମସ୍‌ଜିଦ୍‌ର ଅର୍ଥ ଶାନ୍ତି ଅଟେ । ସେହିପରି ସଲାତ୍ (ନମାଜ)ର ଅର୍ଥ ମଧ୍ୟ ଅମନ ଓ ଶାନ୍ତି ଅଟେ । ମତେ ଏହା ମଧ୍ୟ ଭଲ ଲାଗିଲା ଯେ ଆପଣମାନଙ୍କ ଖଲିଫା କହିଲେ କି ଯମାତ୍ ଅହେମଦୀୟାର ରାଜନୀତି ସହିତ କୌଣସି ସମ୍ପର୍କ ନାହିଁ । କେବଳ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଚେଷ୍ଟା କରେ । ମୋ ଉପରେ ଏ କଥାର ମଧ୍ୟ ବହୁତ ପ୍ରଭାବ ପଡ଼ିଲା ଯେ ଯେବେ ଖଲିଫା କହିଲେ କି ଅହେମଦୀମାନେ ସଂସାରର ଦୁଃଖ ଦୂର କରିବାକୁ ଚାହାଁନ୍ତି ବୋଲି ଏବଂ ତାଙ୍କର ସାହାଯ୍ୟ କରିବାକୁ ଚାହାଁନ୍ତି । ପୁଣି ବହୁତ ଚିତାକର୍ଷକ କଥା ଏହା ଥିଲା ଯେ ଖଲିଫା କହିଲେ କି ନବୀ ମୁହମ୍ମଦ ସ:ଆ:ସଙ୍କ

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com
website:www.akhbarbadarqadian.in
:www.alislam.org

Title Code: PUNODI00001
The Weekly Qadian **BADAR** ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
**Vol.1. Thursday 23 June- 30 June - 2016 Issue No.16-17**

MANAGER
NAWAB AHMAD
Mobile. : (+91) 94170-20616
Tel : (+91)-1872-224757
e-mail :managerbadrqnd@gmail.com
ANNUAL SUBSCRIPTION:Rs.300/-

ସମୟରେ ଗୋଟିଏ ଜରାର ନାମି ମସ୍‌ଜିଦ୍ (କଷ୍ଟ ଦେଉଥିବା ମସ୍‌ଜିଦ୍) କୁ ଭାଙ୍ଗି ଦିଆଯାଇଥିଲା । ଯେଉଁଥିରୁ ପ୍ରମାଣ ମିଳୁଛି ଯେ ମସ୍‌ଜିଦ୍ କେବଳ ଶାନ୍ତିର ସ୍ଥାନ ଅଟେ । ସ୍ୱୀଡ଼େନ୍‌ର ରାଜଧାନୀ ଷ୍ଟାକ୍‌ହୋମ୍‌ରେ ଗୋଟିଏ ସ୍ୱାଗତ ସମାରୋହରେ ଛଅ ଜଣ ଏମ୍.ପି ସାମିଲ୍ ହୋଇଥିଲେ ଏବଂ ବହୁତ ସରକାରୀ କର୍ମଚାରୀ ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ମଧ୍ୟ ସାମିଲ୍ ଥିଲେ ।

ଜଣେ ଅତିଥି କହିଲେ ଯେ ମତେ ଆଜି ବହୁତ କିଛି ଶିଖିବାକୁ ମିଳିଲା । ମଁ ବହୁତ ପ୍ରଭାବିତ ହୋଇଛି । ମୁଁ ବହୁତ କୃତଜ୍ଞ ଯେ ଖଲିଫା ଏଠାକୁ ଆସିଛନ୍ତି । ଖଲିଫାଙ୍କ ବାର୍ତା ଶୁଣି ଆମେ ବୁଝିପାରିଲୁ ଯେ କୌଣସି ସମସ୍ୟାକୁ ଦେଖି ଆଖି ବନ୍ଦ୍ କରି ନ ଦେବା ଯେ ଏହା ଆପେ ଆପେ ଠିକ୍ ହୋଇଯିବ ବୋଲି । ଏହା ବହୁତ ମଜ୍‌ବୁତ୍ ବାର୍ତା ଥିଲା । ସେଥିଯୋଗୁଁ ମୁଁ ବହୁତ କୃତଜ୍ଞ । ପୁଣି ଜଣେ ଅତିଥି କହିଲେ ଯେ, ଆଜିକାଲି ଦୁନିଆରେ ଏପରି ଶକ୍ତି କାର୍ଯ୍ୟ କରଛନ୍ତି ଯେଉଁମାନେ ମଣିଷକୁ ମଣିଷ ଠାରୁ ଅଲଗା କରବାକୁ ଚାହାଁନ୍ତି । ସମସ୍ତଙ୍କୁ ଏକାଠି କରିବାରେ ଆପଣ ସବୁ କ୍ଷେତ୍ରରେ ସଫଳତା ଅର୍ଜନ କରିଛନ୍ତି । କାରଣ ଆମେ ଆପଣଙ୍କ ସହିତ ମିଶିବା ପରେ ଆମ ଆଖି ଖୋଲି ଯାଇଛି ଏବଂ ଆମେ ବହୁତ କିଛି ଶିଖିପାରିଛୁ ।

ଇରାକ୍‌ରୁ ଆସିଥିବା ଜଣେ ଖ୍ରୀଷ୍ଟିଆନ୍ ମୁହାଜୀର ସଲାମ୍ ସାହେବ୍ କହିଲେ ଯେ ମୁଁ ଇରାକ୍‌ରେ ଏପରି କଥା କେବେ ଶୁଣିନାହିଁ । ସେଠି ଲୋକମାନେ ଇସ୍‌ଲାମ୍‌ର ସେହି ଚେହେରା ପ୍ରକାଶ କରନ୍ତି ନାହିଁ । ଯାହା ଆପଣଙ୍କ ଖଲିଫା ଏଠି ପ୍ରକାଶ କରୁଛନ୍ତି । କେତେ ଭଲ ହୁଅନ୍ତା ଯଦି ଇରାକ୍‌ର ଲୋକମାନେ ଖଲିଫାଙ୍କ କଥା ଶୁଣି ନିଅନ୍ତେ ଏବଂ ଆମକୁ ଦେଶାନ୍ତରଣ ହେବାକୁ ପଡ଼ନ୍ତା ନାହିଁ ଏବଂ ଏଠି ସ୍ୱୀଡ଼େଶ ଲୋକଙ୍କ ସାମ୍‌ନାରେ ଭିକାରୀ ହୋଇନଥାନ୍ତୁ । ଇରାକ୍‌ରେ ଆପଣଙ୍କ ଖଲିଫା ପରି ଜଣେ ମଧ୍ୟ ନାହାଁନ୍ତି । ଖଲିଫାତ ସଫା ସଫା କଥା କହୁଛନ୍ତି ଏବଂ ଏ ଦୁନିଆରେ ଯାହା ହେଉଛି ତାହା ଜଣାଉଛନ୍ତି । ଆପଣମାନଙ୍କ ଯମାତ୍ ସବୁ ମୁସଲ୍‌ମାନ୍ ଫର୍‌କା (ଗୋଷ୍ଠି)ଙ୍କ ଠାରୁ ଭଲ ।

ପୁଣି ଜଣେ ଅତିଥି କହିଲେ ଯେଉଁ ବାର୍ତା ଖଲିଫା ଦେଲେ ଏହା ହିଁ ଅସଲ ବାର୍ତା ଯାହାକୁ ସବୁ ଧର୍ମ ପ୍ରାରମ୍ଭରୁ ଦେଇଆସିଛି । ପ୍ରତ୍ୟେକ ଧର୍ମର ମୁଳ ଶିକ୍ଷା ଏହା ଅଟେ । ଖଲିଫା ଏକତା ପାଇଁ ଆହ୍ୱାନ ଦେଉଛନ୍ତି । ଆପଣଙ୍କ କଥା ଶୁଣି ମୋତେ ବିଶ୍ୱାସ ହୋଇଗଲା । ଯେ ସଂସାରର ସମସ୍ୟାଗୁଡିକ ଧର୍ମ ଯୋଗୁଁ ଉପୁଜି ନାହିଁ । ଆମର ମୁସଲ୍‌ମାନଙ୍କ ସହିତ ଯଦି କୌଣସି ମତଭେଦ ଅଛି ତାହା ଧର୍ମୀୟ ନୁହେଁ ପରନ୍ତୁ ତାହା ସାଂସ୍କୃତିକ ଅଟେ ।

ଡ଼େନ୍‌ମାର୍କରେ (Electronic & Print) ଗଣମାଧ୍ୟମ ଯେଉଁମାନେ Coverage ଦେଇଥିଲେ ସେମାନଙ୍କ ମଧ୍ୟରୁ ଗୋଟିଏ ଜାତୀୟ ଖବର କାଗଜ "କ୍ରିଶ୍ଚନ ବିଲାଦତ୍" ଅଛି । ସେ ହୋଟେଲ୍‌ରେ ଯେଉଁ ସମାରୋହ ହୋଇଥିଲା ତା'ର ଖବର ଛାପିଥିଲା । ଏହାର ପଚଶ ହଜାର ପାଠକ ଅଛନ୍ତି । ଏହିପରି Radio 24 ର ଜର୍ନାଲିଷ୍ଟ୍ ଇଂଟର୍‌ଭିଉ ପାଇଁ ମିଶନ୍‌କୁ ଆସିଲେ ଏବଂ ପାଖାପାଖି ୪୫ ମିନିଟ୍‌ର ଇଂଟର୍‌ଭିଉ ନେଲେ । ପୁଣି ତାକୁ ଡେନିଶ୍ ଭାଷାରେ ଅନୁବାଦ କରି ଅବିକଳ ପ୍ରସାରଣ କଲେ ଓ ଶୁଣାଇଲେ । ଏହି ରେଡ଼ିଓରେ ଗୋଟିଏ ସମୟରେ ଶୁଣୁଥିବା ଶ୍ରୋତା ୨୫ ରୁ ୪୦ ହଜାର ଅଛନ୍ତି । TV PR ନିଜ ଖବରରେ ଜଣାଇଲେ । ଏହାର ଦେଖଣାହାରି ଦୁଇ ମିଲିୟନ୍ ଅଟନ୍ତି । ଏହିପରି ଅନ୍ୟାନ୍ୟ ମିଡ଼ିଆ ସବୁ ମିଶିକରି ପାଖାପାଖି ତିନି ମିଲିୟନ୍ ଲୋକଙ୍କୁ ଇସ୍‌ଲାମ୍‌ର ଏହି ବାର୍ତାକୁ ପହଂଚାଇଲେ । ଏହିପରି ସ୍ୱୀଡ଼େନ୍‌ର ଅନ୍ୟାନ୍ୟ ଖବର କାଗଜ, ରେଡ଼ିଏ ଚ୍ୟାନେଲ୍ ଓ ଟି.ଭି. ଚ୍ୟାନେଲ୍ ସହିତ ଛଅଟି ଇଂଟର୍‌ଭିଉ ହେଲା ଏବଂ ଜାତୀୟ ଟି.ଭି ରେ ସେମାନେ ଏହି ଖବର ମଧ୍ୟ ପ୍ରସାରଣ କଲେ । ଏହିପରି ସମସ୍ତଙ୍କୁ ମିଶାଇ ଆଠ ମିଲିୟନ୍ ଲୋକଙ୍କୁ ସ୍ୱୀଡେନ୍‌ରେ ବାର୍ତା ପହଂଚିଲା । ଯେଉଁପରି ଯମାତ୍‌ର ବାର୍ତା ପହଂଚୁଛି ଏବଂ ଯେପରି ଲୋକଙ୍କର ଅନୁଭୁତି ହେଲା ତାହା ମୁଁ ବର୍ଣ୍ଣନା କରିଛି । ସାଧାରଣତଃ ଇସ୍‌ଲାମ୍‌ର ଶିକ୍ଷା ଶୁଣିକରି ସେମାନଙ୍କୁ ବାସ୍ତବିକତାର ଜ୍ଞାନ ହେଲା ଯେ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷା ଅଲ୍ଲାଃତାଲାଙ୍କର ହକ୍ ଦେବାରେ ଅଛି । ଏଥି ସହିତ ସଲାମତି ଓ ଶାନ୍ତିର ବାର୍ତାରେ ଅଛି ଏବଂ ଲୋକମାନଙ୍କର ହକ୍ ଦେବାରେ ନିହିତ ଅଛି । ଲୋକମାନେ ଏହା ମଧ୍ୟ ଜାଣିପାରିଲେ ଖିଲାଫତ୍ ସହିତ ସଂଶ୍ଳିଷ୍ଟ ଅଛି । ତେଣୁ ଏହି ହକ୍‌ଗୁଡିକ ଦେଇପାରୁଛି । ତେଣୁ ଏହି ମୂଳ ଜିନିଷକୁ ପ୍ରତ୍ୟେକ ଅହେମଦୀ ବୁଝିବା ଦରକାର ଯେ ଖିଲାଫତ୍ ସହିତ ସଂଶ୍ଳିଷ୍ଟ ରହି ଏହି ହକ୍ ଗୁଡ଼ିକ ଠିକ୍ ରୂପେ ପାଳନ କରିହେବ ।

ହକିକି (ପ୍ରକୃତ) ଖିଲାଫତ୍ କେବଳ ନିଜର ଭୟକୁ ଶାନ୍ତିରେ ପରିବର୍ତନ କରେନାହିଁ ବରଂ ଅନ୍ୟମାନଙ୍କର ଭୟକୁ ମଧ୍ୟ ଶାନ୍ତିରେ ପରିବର୍ତନ କରିଥାଏ । ଏହି ଅନୁଭବ ଏଠାରେ ଲୋକମାନେ କଲେ । ସେମାନେ ଯାହା ଯାହା କହିଲେ ସେ ସବୁକୁ ମୁଁ ସଂକ୍ଷେପରେ କହିଲି । ସେମାନଙ୍କର ଯେଉଁ ଭୟଥିଲା ତାହା ସେମାନେ ଏଠାକୁ ଆସିବା ପରେ ଶାନ୍ତିରେ ପରିବର୍ତନ ହୋଇଗଲା । କାରଣ ଅଲ୍ଲାଃତାଲାଙ୍କର ପ୍ରତିଶୃତି ଅଛି, ସେଥିଯୋଗୁଁ ଅଲ୍ଲାଃତାଲା ସାହାଯ୍ୟ କରିଲେ ଏବଂ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ଅନ୍ୟମାନଙ୍କୁ ପ୍ରଭାବିତ କଲା । ତେଣୁ କିଛି ଲୋକ ପବିତ୍ର କୋରାନ୍ ପାଠ କରିବା ପାଇଁ ଇଛା କଲେ । ଜଣେ ଦୁଇ ଜଣଙ୍କର ଦୃଷ୍ଟାନ୍ତ ମୁଁ ଦେଲି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଛାଡି ଯଦି କୌଣସି ବ୍ୟକ୍ତି ଏ ଯୁଗରେ ଖିଲାଫତ୍ ପ୍ରତିଷ୍ଠା କରିବାକୁ ଚାହୁଁଥାଏ ବା ଚାହିଁବ ତେବେ ସେ ନିଷ୍ଫଳ ହେବ ଏବଂ ଶାନ୍ତି ପ୍ରତିଷ୍ଠା କରିପାରିବ ନାହିଁ । ତେଣୁ ଆମେ ଦେଖିଲେ ପ୍ରଥମ ଖିଲାଫତ୍ ସମୟରେ ବା ପ୍ରାରମ୍ଭିକ ସମୟରେ ଖିଲାଫତେ ରାଶଦା ସମୟରେ ଯେବେ ପ୍ରକୃତ (ବାସ୍ତବିକ) ଖିଲାଫତ୍ ଥିଲା ସେତେବେଳେ ହଜ୍‌ରତ୍ ଉମରଙ୍କ ସମୟରେ କିପରି ହୋଇଥିଲା । ଶିରିଆ ଏବଂ ଇରାକ୍‌ରେ ଏପରି ଅମନ୍ (ଶାନ୍ତି) ପ୍ରତିଷ୍ଠା କରଗଲା ଯେ ସେଠିକାର ଖ୍ରୀଷ୍ଟିଆନ୍‌ମାନେ ଦ୍ୱିତୀୟବାର ମୁସଲ୍‌ମାନଙ୍କୁ ଶାସନ କରିବା ପାଇଁ ଖୋଜିଲେ (ଯେତେବେଳେ ରୋମାନ୍‌ମାନେ ଦ୍ୱିତୀୟଥର ସେମାନଙ୍କୁ ଆୟତ କରିବାକୁ ଚେଷ୍ଟା କଲେ) ସେମାନେ କାନ୍ଦୁଥିଲେ, ଯେତେବେଳେ ମୁସଲ୍‌ମାନମାନେ ଆସି ଶାସନ କଲେ, ସେଠିକାର ନିବାସି ଖୁସିରେ ଉତ୍ସବ ପାଳନ କଲେ ।

କିନ୍ତୁ ଏବେ କଣ ହେଉଛି । ଶିରିଆ ଓ ଇରାକ୍‌ରେ ଖିଲାଫତ୍ ନାଁରେ ଯେଉଁ କ୍ରିୟାକଳାପ ଆରମ୍ଭ ହୋଇଛି ପ୍ରଥମତଃ ସେଥିରେ କିଛି ଶକ୍ତି ନାହିଁ, ବାସ୍ତବିକତା ନାହିଁ ଏବଂ ପ୍ରଥମେ ଯେଉଁ ଟିକିଏ ଶକ୍ତି ଥିଲା ତାହା ଏବେ ଶେଷ ହୋଇଯାଇଛି । ଯେଉଁ ଗତିବିଧି ଖିଲାଫତ୍ ନାମରେ ଆରମ୍ଭ ହୋଇଥିଲା । ଦୁଇ ତିନି ବର୍ଷରେ ବରଂ ତା'ଠାରୁ କମ୍ ସମୟରେ ତାହା କେବଳ ଏକ ସଂଗଠନ ନାମରେ ରହିଗଲାଣି । ଯିଏ ନା ତ ନିଜକୁ ଶାନ୍ତି ଦେଇପାରିଛି ନା ଅନ୍ୟକୁ ସେଠାକୁ ଯିବା ବ୍ୟକ୍ତିମାନଙ୍କୁ ମଧ୍ୟ ଅଧିକାଂଶ ଇସ୍‌ଲାମ୍ ଓ ଖିଲାଫତ୍ ନାମ ଶୁଣି ଏକ ଆବେଗର ସହିତ ଯାଇଛନ୍ତି । ଏଠାରୁ ଏବଂ ୟୁରୋପ୍‌ରୁ ମଧ୍ୟ ଯାଇଥିଲେ କିନ୍ତୁ ଅଣ ଇସ୍‌ଲାମୀୟ ଗତିବିଧିକୁ ଦେଖି ଆଶାଭଙ୍ଗ ହେଲା । ଏମିତି କେତେ ଅଛନ୍ତି ଯେଉଁମାନେ ଲେଉଟି ଆସିବାକୁ ଚାହୁଛନ୍ତି କିନ୍ତୁ ଆସିପାରୁନାହାଁନ୍ତି । ଏହା ମଧ୍ୟ ମିଡ଼ିଆରୁ ଜଣାପଡୁଛି । ଭୟଭିତ ହୋଇ ରହୁଛନ୍ତି । ତାଙ୍କ ପାଇଁ ସବୁ ରାସ୍ତା ବନ୍ଦ ହୋଇଯାଇଛି ।

କଠୋରତାର ଏପରି ସମୟ ଯେ ଗୋଟିଏ ଖବରରୁ ମିଳିଲା କି ଜଣେ ସ୍ତ୍ରୀ ଲୋକଙ୍କର ଛୋଟ ପିଲାଟି କ୍ଷୀର ଖାଇବା ପାଇଁ ବ୍ୟାକୁଳ ହେଉଥିଲା, ତାଙ୍କ ଘର ଦୂରରେ ଥିବା ଯୋଗୁଁ ସେ ଗୋଟିଏ ଗଛମୂଳରେ ପିଲାଟିକୁ କ୍ଷୀର ଖୁଆଇବା ଆରମ୍ଭ କରିଥିଲା ସେହି ସମୟରେ ଇସ୍‌ଲାମ୍‌ର ଠିକାଦାର ମଣୁଥିବା ଉକ୍ତ ମୌଳବାଦୀ, ଖିଲାଫତ୍‌ର ସିପେଇମାନେ ଆସିଗଲେ । ସେ ସ୍ତ୍ରୀ ଲୋକଠୁ ତା'ର ପିଲାକୁ ଛଡ଼େଇନେଲେ ଏବଂ କହିଲେ ଯେ ତୁ ଏଠି ସଡ଼କ କଡ଼ରେ କ୍ଷୀର ପିଆଉଛୁ ? ଯଦିଚ ଏ ଯାଗା ସମ୍ପୂର୍ଣ୍ଣ ଏକାନ୍ତ ଥିଲା । ପୁଣି ମା' ପିଲା ଦୁଇଜଣଙ୍କୁ ଗୋଳ ମାରିଦେଲେ । ଏହିପରି ଜୁଲମ୍ ସେଠି ହେଉଛି । ଏଥିପାଇଁ ମାରିଲେ ଯେ ସେ ଅଣ ଇସ୍‌ଲାମୀୟ କାର୍ଯ୍ୟ କରୁଥିଲା ବୋଲି । (ପ୍ରକୃତରେ ନଥିଲା) ସେମାନେ ତ ନିଜଲୋକଙ୍କ ପ୍ରଶାନ୍ତି ଛଡ଼େଇ ନେଉଛନ୍ତି ଅନ୍ୟକୁ କି ପ୍ରକାର ଅମନ୍ ଓ ଶାନ୍ତି ଦେବେ ? ଯେପରି ମୁଁ ହଜ୍‌ରତ୍ ଉମରଙ୍କ ସମୟର ଦୃଷ୍ଟାନ୍ତ ଦେଇଥିଲି କି ଖ୍ରୀଷ୍ଟିଆନ୍‌ମାନେ ଏଇଥିପାଇଁ ଖୁସି ଥିଲେ ଯେ ଆମକୁ ମୁସଲ୍‌ମାନ୍‌ମାନେ ଅମନ୍ ଓ ଶାନ୍ତି ଦେଉଛନ୍ତି ଯାହା ଖ୍ରୀଷ୍ଟିଆନ୍ ଶାସକ ଦେଉନାହାଁନ୍ତି । କିନ୍ତୁ ଆଜି ସମ୍ପୂର୍ଣ୍ଣ ଏହାର ଓଲଟା ହେଉଛି । କିନ୍ତୁ ଖିଲାଫତେ ଅହେମଦୀୟା ହିଁ ଅଛି, ଯିଏ ନିଜର ଓ ଅନ୍ୟର ଭୟକୁ ଶାନ୍ତିରେ ପରିବର୍ତନ କରିପାରୁଛି । ଲୋକମାନଙ୍କ ଅନୁଭବ ଓ କଥାରୁ ସ୍ପଷ୍ଟ ଜଣାପଡୁଛି ଯେ ଅଲ୍ଲାଃତାଲାଙ୍କ ସାହାଯ୍ୟ ଖିଲା'ତେ ଅହେମଦୀୟା ସହିତ ଅଛି ଏବଂ କେବେ କମୁନାହିଁ ।

*ଅବଶିଷ୍ଟାଂଶ ପୃଷ୍ଠା-୨ରେ ଦେଖନ୍ତୁ.............*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar and Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**